ଭାଇ ଓ ଭଉଣୀମାନଙ୍କୁ ଛାଡ଼ି ଦୂରରେ ରହିବାକୁ ଆଦୌ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଥରେ ଲେଖକ ଚାରିଜଣ କୁଟିଆ ପିଲାଙ୍କୁ ବହୁକଷ୍ଟରେ ମଗାଇ କିଛିଦିନ ପାଇଁ ଆଣି ଆଶ୍ରମରେ ରଖାଇଥିଲେ । କିନ୍ତୁ ପିଲାମାନେ ଆଶ୍ରମରେ ରହି ଦିନ ମଧ୍ୟରେ ଅଠର ଘଣ୍ଟା ନିଜର ଘର, ବାପ ଓ ମା ମାନଙ୍କୁ ହେତୁ କରି କ୍ରନ୍ଦନର ଆମୋଘ ଅସ୍ତ୍ର ପ୍ରୟୋଗକରି ଦୁଇଚାରି ଦିନ ମଧ୍ୟରେ ହଠାତ୍ ଅନ୍ତର୍ହିତ ହୋଇଗଲେ । ଦ୍ୱିତୀୟ କଥା ହେଉଛି କୁଟିଆର 'ଦାରିଦ୍ର୍ୟ' । ବିନା ମୂଲ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟପେୟ ଓ ପୋଷାକପତ୍ରର ବ୍ୟବସ୍ଥା ଥିବା ତ ପୂର୍ବୋକ୍ତ ଅପପ୍ରବୃତ୍ତିର ଜନିତ ଭୟର ଏକ ଯୁକ୍ତିଯୁକ୍ତ କାରଣ ହୋଇଥାଏ । ତେଣୁ ଏଥିପ୍ରତି କାହାରି ଦୃଷ୍ଟି ପଡ଼େନାହିଁ । ତା ଛଡ଼ା ଗୋଟିଏ ପିଲା ଘରେ ରହି ଯାବତୀୟ କାର୍ଯ୍ୟ କରି ତାର ବାପ ମା'ଙ୍କୁ ସାହାଯ୍ୟ କରିଥାଏ । ବାପ ମା ଖାଦ୍ୟ ସଂଗ୍ରହ କରି ଗଲେ ଘରର ଶ୍ରେଷ୍ଠ ପିଲାର ଦାୟିତ୍ୱ ନେବା ବା ନିଜର ଖାଦ୍ୟ ସଂଗ୍ରହ ତଥା କାଠ ଆଦି ଅନ୍ୟାନ୍ୟ କାର୍ଯ୍ୟ ଶ୍ରେଷ୍ଠ ଶ୍ରେଷ୍ଠ ପିଲାମାନେ କରୁଥିବାରୁ ଗୋଟିଏ ଦିନର ଶିକ୍ଷାର ମୂଲ୍ୟ ଗୋଟିଏ ଦିନର ସଂଗୃହୀତ ଫଳମୂଳ ବା କାର୍ଯ୍ୟ ସହ ତୁଳନୀୟ ହୋଇ ପାରେ ନାହିଁ । ତା ଛଡ଼ା କୁଟିଆ ଗୃହେଁ ଶିକ୍ଷାର ଅଶୁଫଳ ଅର୍ଥାତ ପୁଅ ସ୍କୁଲକୁ ଗଲାତ ସେ ହଠାତ ବହି ପଢ଼ି ଶିଖି । ରୋଜଗାର କରିବା ବା ବାବୁ ହୋଇ ଯିବାର ବିରାଟ ଆଶାତ ମନରେ ଦୃଢ଼ ରୂପେ ଧାରଣା କରାଯାଇଥାଏ । କିନ୍ତୁ ଏଗୁଡ଼ିକ ଏତେ ସହଜରେ ହୋଇପାରିବ ନାହିଁ ବୋଲି କୁଟିଆ ବୁଝେ ନାହିଁ କି ହେବା ପାଇଁ ଧୈର୍ଯ୍ୟ ଧରି ରହେ ନାହିଁ । ଶିକ୍ଷା ସମ୍ବନ୍ଧରେ ଆଲୋଚନା କଲେ ନାନାଦି ପ୍ରତିବନ୍ଧକ ପ୍ରତି ଦୃଷ୍ଟି ପଡ଼େ । ସେ ସବୁର ଆଲୋଚନା ଏଠାରେ କରାନଯାଇ ସଂକ୍ଷେପରେ ଅଳ୍ପ କେତୋଟିର ଆଲୋଚନା କରାଯାଇଛି ।

କୁଟିଆମାନେ ସାହସୀ, କଷ୍ଟସହିଷ୍ଣୁ ଓ କର୍ମଠ । ଦିନ ରାତି ପଥର ସହ ଲଢ଼େଇ କରି ଯେ ଫସଲ ଉତ୍ପାଦନ କରିପାରେ ତାକୁ କର୍ମଠ କୁହା ନଯିବତ ଆଉ କୁହାଯିବ କାହାକୁ ? କି ସ୍ତ୍ରୀ, କି ପୁରୁଷ ସମସ୍ତେ ପରିଶ୍ରମୀ । ପୁରୁଷମାନଙ୍କୁ କୃଷିରେ ସାହାଯ୍ୟ ଖାଦ୍ୟ ଅନ୍ୱେଷଣ ଓ ଗୃହର ଯାବତୀୟ କର୍ମମାନ ସ୍ତ୍ରୀମାନେ କରନ୍ତି । କୌଣସି କୁଟିଆ ଗ୍ରାମକୁ ଗଲେ ସ୍ତ୍ରୀମାନଙ୍କୁ ବେକାର ବସିଥିବାର କେବେ ଦେଖାଯାଏ ନାହିଁ । ଗୋଟିଏ ଗ୍ରାମରୁ ଅନ୍ୟ ଗୋଟିଏ ଗ୍ରାମକୁ ଯିବା ଆସିବାର ବିଶେଷ ସୁବିଧା ନଥାଏ । ପଥ ମଧ୍ୟରେ ହିଂସ୍ର ଜନ୍ତୁମାନଙ୍କ ଭୟ ସଦା ସର୍ବଦା ରହିଥାଏ । ତଥାପି କୁଟିଆ ନିର୍ଭୟରେ ଏକାକୀ ଏହି ବିପଦପୂର୍ଣ୍ଣ ପଥ ମଧ୍ୟରେ ବିଚରଣ କରିଥାଏ । କାନ୍ଧରେ ଯଦି ଟାଙ୍ଗିଆ ବା ହାତରେ ଧନୁଶର ଥାଏ ତେବେ ଭୟର ପ୍ରଶ୍ନ ଆଦୌ ଉଠେ ନାହିଁ । ପର୍ବତର ବନ୍ଧୁର ପଥରେ କୁଟିଆମାନେ ଅକ୍ଲେଶରେ ଏଡ଼େ ବେଗରେ ଚାଲି ପାରନ୍ତି ଯେ ଦେଖିଲେ ବିସ୍ମିତ ହେବାକୁ ପଡ଼େ ।

ପାହାଡ଼ ଉପରେ ବାସ କଲେ ମଧ୍ୟ କୁଟିଆମାନେ ପାହାଡ଼ୀ ବଣ୍ଡା ପରି ହିଂସ୍ର ନୁହନ୍ତି । ବଣ୍ଡାମାନେ ଯେପରି ସାମାନ୍ୟ କଥାରେ ରାଗାନ୍ୱିତ ହୋଇ କୌଣସି ଲୋକର ପ୍ରାଣନାଶ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ, କୁଟିଆମାନେ ସେପରି ନୁହନ୍ତି । କୁଟିଆ ବଡ ନିରୀହ ଓ ଭୟାଳୁ ମଧ୍ୟ । ପୂର୍ବରୁ କୁଟିଆମାନଙ୍କୁ ସାହସୀ କହି ଏଠାରେ ଭୟାଳୁ କହିବା ଦ୍ୱାରା ପାଠକମାନଙ୍କ ମନରେ ସଂଶୟ ଆସିପାରେ । ଏ ବିଷୟରେ ସନ୍ଦେହ କରିବାର କିଛି ନାହିଁ । କୁଟିଆମାନେ ସାହସୀ ସତ ।

ସେ ସାହସୀ ବଣର ହିଂସ୍ର ପଶୁ ସମ୍ମୁଖରେ । ସଭ୍ୟ ସମାଜର ଲୋକ ବା ଅଣଆଦିବାସୀ ଅପରିଚିତ ଲୋକ ନିକଟରେ ସେ ଭୟାଳୁ ଅଟେ । ଯେଉଁ କୁଟିଆ ବଣର ବାଘକୁ ଦେଖି ତାର ପ୍ରାଣ ବିନାଶ ପାଇଁ ସାହସ ସହକାରେ ତାର ସମ୍ମୁଖକୁ ଧାଇଁଆସେ, ସେହି କୁଟିଆ ଜଣେ ଧୋବ ଲୁଗା ପିନ୍ଧା ଅପରିଚିତ ବ୍ୟକ୍ତିକୁ ଦେଖି ନିଜର ଆତ୍ମଗୋପନ ଉଦ୍ଦେଶ୍ୟରେ ଧାଇଁଯାଏ ନିବିଡ଼ ଅରଣ୍ୟ ମଧ୍ୟକୁ । ଏ ବିଷୟରେ ଭାବିଲେ ମନରେ ବିସ୍ମୟ ଜାତ ନ ହୋଇ ବରଂ ଦୁଃଖ ଆସେ । ସଭ୍ୟସମାଜ କଣ ବ୍ୟାଘ୍ରଠାରୁ ଭୟଙ୍କର ? କେବଳ ଏତିକି ନୁହେଁ, ନିରୀହ କୁଟିଆ ମଧ୍ୟ ଭୟଙ୍କର ମିଥ୍ୟାବାଦୀ ଅଟେ । ଏ ସବୁର ଯଥେଷ୍ଟ କାରଣ ରହିଛି । ସେ ବିଷୟରେ ପରେ ଆଲୋଚନା କରାଯିବ ।

ଅନ୍ୟାନ୍ୟ ଆଦିବାସୀମାନଙ୍କ ପରି କୁଟିଆ ତାର ସବୁ କିଛି ବିପଦ ପାଇଁ ଦେବତାଙ୍କୁ ଦାୟୀ କରେ । ଦେବତାର ତୃପ୍ତି ପାଇଁ ସେ ଅକାତରେ ପୋଡ, ଛେଳି, କୁକୁଡ଼ା ଓ ପାରା ଆଦି ନିରୀହ ପଶୁପକ୍ଷୀ ମାନଙ୍କୁ ବଳି ଦେଇଥାଏ । ପ୍ରତି ଫସଲ ଅମଳ ଶେଷରେ ନାନାଦି ପର୍ବ ପର୍ବାଣି ଓ ବର୍ଷ ମଧ୍ୟରେ ନାନା ପ୍ରକାର ସାମାଜିକ ପର୍ବମାନ ସେ ପାଳନ କରେ । ଏଥିପାଇଁ ଆବଶ୍ୟକ ହେଲେ ସେ କୁମୁଟି, ପାଣ, ଡମ ବା ପାହିମାନଙ୍କଠାରୁ କରଜ କରିଥାଏ । ସେ ଯଦି ସାମାନ୍ୟ ଟଙ୍କାଏ ବା ଦୁଇଟଙ୍କା କରଜ କରେ ତେବେ ଫସଲ ଅମଳ କରି ପାଞ୍ଚଗୁଣ ବା ଛଅଗୁଣ ପରିମାଣରେ ଫସଲ ଋଣ ଅନୁପାତରେ ଦେଇ ମଧ ଋଣମୁକ୍ତ ହୋଇ ପାରେନା । ଫଳରେ ପୁରୁଷାନୁକ୍ରମେ ତାକୁ ମହାଜନ ନିକଟରେ ଋଣୀ ହେବାକୁ ପଡ଼େ ଓ ସର୍ବସ୍ୱାନ୍ତ ହୋଇଥାଏ । କୁଟିଆମାନଙ୍କୁ ଶୋଷଣକାରୀ-ମାନେ ଯେପରି ଶୋଷଣ କରନ୍ତି ତାହା ଚିନ୍ତାକଲେ ଏହି ନିରୀହ ଜାତିପ୍ରତି ଅନୁକମ୍ପା ଜାତ ହେବା ସାଥେ ସାଥେ ଶୋଷଣକାରୀଙ୍କ ପ୍ରତି ହିଂସାଭାବ ଜାତହୁଏ । ଫସଲ ଅମଳ ସମୟରେ ପାଣସାହି ମାନଙ୍କରୁ ସମସ୍ତେ ଯାଇ କୁଟିଆର କ୍ଷେତରେ ରୁଣ୍ଡ ହୋଇଥାନ୍ତି । କରଜ ଆଦାୟ ଛଳରେ ଏମାନେ ଫସଲର ଅର୍ଦ୍ଧାଧିକ କୁଟିଆ ମାନଙ୍କଠାରୁ ନେଇଯାନ୍ତି । କେବଳ ଏତିକି ନୁହେଁ, କୁଟିଆର ଏମାନେ ହିତକାମୀ ବୋଲିଇ ନାନା ଉପାୟରେ କୁଟିଆକୁ ସର୍ବସ୍ୱାନ୍ତ କରନ୍ତି । ଜନମଙ୍ଗଳ ରାଷ୍ଟ୍ରରେ ଏହାର କେତେଦୂର ପ୍ରତିକାର କରାଯାଇଛି ତାହା ବୁଝି ପଡ଼ୁନାହିଁ ।

ଅଭାବ, ଅନାଟନ, ଶୋଷଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଜନିତ ନାନାଦି ଅସୁବିଧାର ସମ୍ମୁଖୀନ ହୋଇ ମଧ୍ୟ କୁଟିଆ ପର୍ବତ ଉପରୁ ଆସି ସମତଳ ଅଞ୍ଚଳରେ ବାସ କରିବାକୁ ନାରାଜ ହୁଏ । ସମତଳ ଅଞ୍ଚଳ ପ୍ରତି କୁଟିଆର ଏପରି ବିରାଗ କାହିଁକି ? ଏଥିପାଇଁ ଦାୟୀ କିଏ ? କୌପୁନିଧାରୀ କୁଟିଆର ମନ କୌପୁନିମରା ଯୋଗୀର ମନପରି ନିର୍ମଳ । ସେଠାରେ ହିଂସା, ଘୃଣା ବା କପଟତାର ସ୍ଥାନ ନାହିଁ । କୁଟିଆ ପ୍ରକୃତିର ସନ୍ତାନ । ପ୍ରକୃତି ଉପରେ ନିର୍ଭର କରୁଥିବା ସ୍ଥଳେ ପର୍ବତ ଉପରୁ ତଳକୁ ଆସି ସଭ୍ୟ ସମାଜ ସହିତ ବାସ କରିବାକୁ ହେଲେ ତାକୁ ଯେ ସଭ୍ୟ ବୋଲିଉଥିବା ବ୍ୟକ୍ତିଙ୍କପରି ଖୁବ୍ ଶୀଘ୍ର ପର ଉପରେ ନିର୍ଭର କରିବାକୁ ପଡ଼ିବ, ଏହା ସେ ଉତ୍ତମ ରୂପେ ହୃଦୟଙ୍ଗମ କରିଛି ।

ସେ ଯାହା ହେଉ ନା କାହିଁକି, ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ଯେତେ ପ୍ରକାର ଜାତିର ଆଦିବାସୀ ଅଛନ୍ତି, ସେମାନଙ୍କ ମଧ୍ୟରେ 'କୁଟିଆ' ଯେ ଏକ ଶାନ୍ତିପ୍ରିୟ, ସରଳ ଓ ନିରାଡ଼ମ୍ବର ଜାତି ଏଥିରେ ସନ୍ଦେହ ନାହିଁ । 'କୁଟିଆ' ଆମ୍ଭମାନଙ୍କଠାରୁ ଦୂରରେ ରହିଲେ

ମଧ୍ୟ, ଆମ୍ଭମାନଙ୍କର ଯେ ସେମାନଙ୍କ ପ୍ରତି ଯଥେଷ୍ଟ କର୍ତ୍ତବ୍ୟ ରହିଛି, ଏହା ଭୁଲି ଯିବାର ନୁହେଁ । ଯେତେ ଦୂରରେ ରହିଲେ ମଧ୍ୟ ସେ ଆମ ଧରଣୀମାଆର ସନ୍ତାନ—ସେ ଆମର ଭାଇ । 'କୁଟି'ରୁ ତାର ଜନ୍ମ, 'କୁଟି'ରେ ସେ ନେଇଛି ଆଶ୍ରୟ, କୁଟିରେ ତାର ଲୀଳା ଖେଳା, କୁଟି ତାକୁ ଯୋଗାଉଛି ଆହାର, ପୁଣି ସେହି କୁଟି ମଧ୍ୟରେ ସେ ରଚେ ତାର ଅନ୍ତିମ ଶଯ୍ୟା । ସେ ହେଉଛି ଆମ—'କୁଟିଆଭାଇ' ।

---

# ଆଦିବାସୀମାନଙ୍କର ଭାଷା ସମସ୍ୟା

କେଦାରନାଥ ମହାପାତ୍ର

ଓଡ଼ିଶାର ପାର୍ବତ୍ୟଜାତିମାନଙ୍କ ମଧ୍ୟରୁ ଗଣ୍ଡ, ଭୂୟାଁ ଓ ଶବର ପ୍ରଭୃତି ଅତି ପ୍ରାଚୀନ କାଳରୁ ଓଡ଼ିଶାରେ ବସବାସ କରୁଛନ୍ତି । ଭୂୟାଁ ଗୋଷ୍ଠୀର ଲୋକମାନେ କାଳକ୍ରମେ ସଭ୍ୟ, ଶିକ୍ଷିତ ଓ ସୁଗଠିତ ହୋଇ ରାଜନୈତିକ ଅଧିକାର ବିସ୍ତାର କରିଥିଲେ । 'ପରମଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର' ପ୍ରଭୃତି ଚକ୍ରବର୍ତ୍ତୀ କ୍ଷମତାସୂଚକ ପଦବୀଧାରୀ ଉତ୍କଳର ଭୌମସମ୍ରାଟମାନେ ପ୍ରାଚୀନ ଭୂୟାଁବଂଶ ସମ୍ଭୂତ ହୋଇଥିବାର ମନେହୁଏ । ସେହିପରି ଗଣ୍ଡମାନେ ବ୍ରାହ୍ମଣୀ ଓ ମହାନଦୀ ଉପତ୍ୟକାରେ ଅଠରଟି ଗଣ୍ଡରାଜ୍ୟ ପ୍ରତିଷ୍ଠା କରିଥିଲେ । ତେଣୁ କେତେକ ପ୍ରାଚୀନ ତାମ୍ରଶାସନରେ 'ଅଷ୍ଟାଦଶ ଗଣ୍ଡ ମାଧିପତି' ବିରୁଦ ଦେଖାଯାଏ । କଳିଙ୍ଗ ଦେଶ ଶବରମାନଙ୍କ ଆଦି ବାସଭୂମି । ଓଡ଼ିଶାର ପ୍ରଭୁ ଜଗନ୍ନାଥ ଶବରମାନଙ୍କର ଦେବତା ବୋଲି ଖ୍ୟାତି ରହିଛି । ପୁରୀର ଦଇତାପତି ସେବକମାନେ ଶବରବଂଶୀୟ ରୂପେ ପରିଚିତ । ଶବରମାନଙ୍କ ମଧ୍ୟରୁ କେତେକ ଯୁଦ୍ଧବିଦ୍ୟାରେ ନିପୁଣ ହୋଇ ଉତ୍କଳୀୟ ନରପତିମାନଙ୍କୁ ଯୁଦ୍ଧ ସମୟରେ ସାହାଯ୍ୟ କରୁଥିବାରୁ ପରବର୍ତ୍ତୀକାଳରେ କ୍ଷତ୍ରିୟ ରୂପେ ଗଣ୍ୟ ହୋଇଥିଲେ । ଏମାନଙ୍କୁ ଏବେ ସୌରା କ୍ଷତ୍ରିୟ କହନ୍ତି । କନ୍ଧମାନେ ଦାକ୍ଷିଣାତ୍ୟରୁ ଓଡ଼ିଶା ଆଡ଼କୁ ଆସିଥିଲେ । ସେମାନଙ୍କର ପ୍ରାଚୀନ ନାମ ପୁଳିନ୍ଦ । ଖ୍ରୀଷ୍ଟୀୟ ୪ର୍ଥ ଓ ୫ମ ଶତାବ୍ଦୀରେ କନ୍ଧବଂଶୀୟ 'ପୁଳିନ୍ଦସେନ' ନାମକ ଜଣେ ରାଜା ସାଲିଆ ବା ପ୍ରାଚୀନ ସାଲିମାନଦୀ କୂଳରେ କଟକ ନିର୍ମାଣ କରି ଖୋର୍ଦ୍ଧା, ନୟାଗଡ଼, ରଣପୁର ଓ ଗଞ୍ଜାମର ଉତ୍ତରାଂଶରେ ନିଜ କ୍ଷମତା ବିସ୍ତାର କରିଥିଲେ । ତେଣୁ ପ୍ରାଚୀନ ତମ୍ବାପଟାମାନଙ୍କରେ ଉଲ୍ଲେଖ ଅଛି 'ଖ୍ୟାତଃ କଳିଙ୍ଗଜନତାସୁ ପୁଳିନ୍ଦ ସେନଃ' । କନ୍ଧମାନେ ପାଟଣା ସୀମାରୁ ବାଣପୁର ସୀମାପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ ଉପନିବେଶ ବିସ୍ତାର କରିଥିଲେ । ସେମାନଙ୍କ ନାମାନୁସାରେ ଉକ୍ତ ଅଞ୍ଚଳର ନାମ ହେଲା 'କନ୍ଧାନ ଦେଶ' । ସପ୍ତଦଶ ଶତାବ୍ଦୀର କବି ବନମାଳୀ ଦାସ ଗ୍ରନ୍ଥରେ ନିଜ ଘର 'କନ୍ଧାନ' ଦେଶରେ ବୋଲି ଉଲ୍ଲେଖ କରିଛନ୍ତି । ଯଥା:—'କନ୍ଧାନ ଦେଶେ ଘର ମୋର' । ୧୭୬୬ରେ କଲିକତାରୁ ସମ୍ବଲପୁରକୁ ହୀରା ବ୍ୟବସାୟ ଉଦ୍ଦେଶ୍ୟରେ ଆସିଥିବା ଇଉରୋପୀୟ କର୍ମଚାରୀ ମୋଟେ ସାହେବ ସ୍ୱୀୟ ଭ୍ରମଣ ବୃତ୍ତାନ୍ତରେ କଳାହାଣ୍ଡି ରାଜ୍ୟର ନାମ 'କନ୍ଧାନ' ବୋଲି ଉଲ୍ଲେଖ କରିଛନ୍ତି । ଏବେ ମଧ୍ୟ କଳାହାଣ୍ଡି ରାଜ୍ୟର କେତେକାଂଶକୁ କନ୍ଧାନ, କେତେକାଂଶକୁ ଗଣ୍ଡାନ ଓ ଆଉ କେତେ ଅଞ୍ଚଳକୁ ମାଝିଦେଶ (ମାଝି ବା କନ୍ଧ ସର୍ଦ୍ଦାର) ବୋଲି କହନ୍ତି । ଓଡ଼ିଶାର ଗୋଟିଏ ସବଡ଼ିଭିଜନର ନାମ ଥିଲା କନ୍ଧମାଳ । ସେହିପରି ମୟୂରଭଞ୍ଜ, କେନ୍ଦୁଝର ଓ ସିଂହଭୂମର ଭୂୟାଁ ପ୍ରଧାନ ଅଞ୍ଚଳକୁ ଭୂୟାଁପୀଢ଼ ବୋଲି କହନ୍ତି । କୋହ୍ଲ ବା ହୋ

ଜାତିର ଲୋକ କେବଳ ଓଡ଼ିଆଭାଷୀ ମୟୂରଭଞ୍ଜ, ସିଂହଭୂମି, ଷଢ଼େଇକଳା ଓ ଖରସୁଆଁ ପ୍ରଭୃତି ଅଞ୍ଚଳରେ ଦେଖାଯାନ୍ତି । ତେଣୁ କୋହ୍ଲ ପ୍ରଧାନ ମୁଲକର ନାମ 'କୋହ୍ଲାନ' । ଉଉରା ନାମକ ଏକ ଗୋଷ୍ଠୀର ପ୍ରଧାନ ବାସସ୍ଥାନର ନାମ ଥିଲା ଉଉର ବା ପରବର୍ତ୍ତୀ କାଳର ବସ୍ତର । ଇନ୍ଦ୍ରାବତୀ ନଦୀର ଉପତ୍ୟକା ଏହି ଉଉରାମାନଙ୍କର ପ୍ରଧାନ ବାସସ୍ଥାନ । ପରଜା ଓ ଗାଦବା ପ୍ରଭୃତି ମାଛକୁଣ୍ଡ ନଦୀ କୂଳେ କୂଳେ ବାସ କରନ୍ତି । ସେମାନେ ଭଲଭାବେ ଓଡ଼ିଆ ଭାଷା କହିପାରନ୍ତି । ପାଟଣା ରାଜ୍ୟରେ ଚୌହାନବଂଶର ଆଧିପତ୍ୟ ପ୍ରତିଷ୍ଠିତ ହେବା ପୂର୍ବରୁ ସେଠାରେ ଅଠଜଣ ପାର୍ବତ୍ୟ ଜାତୀୟ ସର୍ଦ୍ଦାର ବା ମାଲିକ ଶାସନ ପରିଚାଳନା କରୁଥିଲେ । ଏବେ ମଧ୍ୟ କଳାହାଣ୍ଡି, ପାଟଣା, ସୋନପୁର ଓ ସମ୍ବଲପୁର ଅଞ୍ଚଳର ବହୁ ଜମିଦାର ଓ ଗୌନ୍ତିଆ ପ୍ରାଚୀନ ଗଣ୍ଡ, କନ୍ଧ, ଶବର, ଉଉରା, ବିଞ୍ଝାଲ ପ୍ରଭୃତିଙ୍କ ବଂଶ ସମ୍ଭୂତ । ଆଦିବାସୀମାନେ ପ୍ରାଚୀନ କାଳରୁ କାଠଖଣ୍ଡ ଦେବତାଙ୍କୁ ପୂଜାକରି ଆସୁଛନ୍ତି । ପ୍ରାଚୀନ ଭଞ୍ଜବଂଶୀୟ ନରପତିମାନେ ସୋନପୁର, ବୌଦ, ଦଶପଲ୍ଲା, ଧୃମୁସର, କନ୍ଧମାଳ, ଢେଙ୍କାନାଳ ପ୍ରଭୃତି ଅଞ୍ଚଳ ଅଧିକାର କରି କାଠଖଣ୍ଡ ଦେବତାଙ୍କୁ ସ୍ତମ୍ଭେଶ୍ୱରୀ ନାମ ଦେଇ ସ୍ୱ ସ୍ୱ ବଂଶର ଅଧିଷ୍ଠାତ୍ରୀ ଦେବତା ରୂପେ ଗ୍ରହଣ କରି ନେଇଥିବା ସେମାନଙ୍କର ତାମ୍ରପଟ୍ଟ ଗୁଡ଼ିକରୁ ଜଣାଯାଏ । ଯଥା:—'ସ୍ତମ୍ଭେଶ୍ୱରୀ ଲବ୍ଧବରପ୍ରସାଦ' । ଭୁବନେଶ୍ୱର ଶିଶୁପାଳ ଦୁର୍ଗକୁ ଯାଇଥିବା ପ୍ରାଚୀନ ରାଜପଥର ଅଧୁନା ଭଗ୍ନସେତୁ ନିକଟରେ ପୂଜିତ ପ୍ରସିଦ୍ଧ ଭୂଆସୁଣୀ ଠାକୁରାଣୀ ଏକ ପ୍ରସ୍ତର ସ୍ତମ୍ଭ ମାତ୍ର । ସେହିପରି ବାଣପୁରର ପ୍ରସିଦ୍ଧ ଭଗବତୀ ଠାକୁରାଣୀ ଏକ ପ୍ରାଚୀନ ସ୍ତମ୍ଭେଶ୍ୱରୀ ଦେବୀ । ଗଞ୍ଜାମଜିଲ୍ଲାସ୍ଥ ଆସ୍କାର ଖମ୍ବେଶ୍ୱରୀ ଠାକୁରାଣୀଙ୍କ ବିଶେଷ ପ୍ରସିଦ୍ଧି ରହିଛି । ଏହାର ଏକ ଅଂଶର ନାମ ଖମ୍ବେଶ୍ୱରୀପାଟଣା । ସୋନପୁରର ଖମ୍ବେଶ୍ୱରୀ ମଧ୍ୟ ଏକ ପ୍ରସିଦ୍ଧ ଦେବତା । ମାଣିକ୍ୟେଶ୍ୱରୀଙ୍କ ଛିନ୍ନ ଏକ କାଠଖମ୍ବ ମାତ୍ର । ମହାଷ୍ଟମୀ ଦିନ ବହୁ ଲୋକ ସମାଗମ ମଧ୍ୟରେ ଏହାର ପୂଜା କରାଯାଏ । ଢେଙ୍କାନାଳ ରାଜ୍ୟ ପୂର୍ବେ ଢେଙ୍କା ଶବରର ରାଜ୍ୟ ଥିବା କିମ୍ବଦନ୍ତୀରୁ ଜଣାଯାଏ । କେତେକ ପ୍ରାଚୀନ ତାମ୍ରଶାସନରେ ତାଙ୍କ ନାମ ଧେକଟ ବୋଲି ଲେଖାଯାଇଛି । ସେହିପରି କଳାହାଣ୍ଡି ରାଜ୍ୟ ପୂର୍ବେ କନ୍ଧମାନଙ୍କ ଅଧିକାରଭୁକ୍ତ ଥିଲା । ପରେ ନାଗବଂଶୀୟ ରାଜମାନେ ଏହା ଅଧିକାର କରିନେଲେ । କିନ୍ତୁ ପ୍ରତ୍ୟେକ ରାଜାଙ୍କ ଅଭିଷେକ ସମୟରେ ରାଜା ଜଣେ କନ୍ଧମାଝିଙ୍କ କୋଳରେ ବସି ଅଭିଷିକ୍ତ ହେବାର ପ୍ରଥା ବହୁଦିନ ପର୍ଯ୍ୟନ୍ତ ପ୍ରଚଳିତ ଥିଲା ।

ଉପରଲିଖିତ ଆଲୋଚନାରୁ ସ୍ପଷ୍ଟ ଜଣାଯାଏ ଯେ ଭୂୟାଁ, ଗଣ୍ଡ, କନ୍ଧ, ଶବର, କୋହ୍ଲ ପ୍ରଭୃତି ଓଡ଼ିଶାର ପାର୍ବତ୍ୟ ଜାତିମାନେ ଆଦୌ ଅସଭ୍ୟ ବା ଅଶିକ୍ଷିତ ନ ଥିଲେ । ସେମାନେ ନାନା-ସ୍ଥାନରେ ଉପନିବେଶ ଓ ରାଜ୍ୟ ପ୍ରତିଷ୍ଠା କରି ବହୁକାଳ ପର୍ଯ୍ୟନ୍ତ ରାଜତ୍ୱ ବିସ୍ତାର କରିଥିଲେ । ସେମାନଙ୍କ ଇଷ୍ଟ ଦେବତାମାନଙ୍କୁ ଜାତିବର୍ଣ୍ଣନିର୍ବିଶେଷରେ ସମସ୍ତେ ପୂଜା ଆରାଧନା କରୁଥିଲେ । ସେମାନେ ତଥାକଥିତ ଆର୍ଯ୍ୟ ଜାତିମାନଙ୍କ ସହିତ ଅତି ଘନିଷ୍ଠ ଭାବରେ ମିଶିଯାଇଥିଲେ । ଓଡ଼ିଶାର ପ୍ରଧାନ ଭାଷା ଓଡ୍ର ବା ଓଡ଼ିଆକୁ ସେମାନେ ବହୁ ସ୍ଥାନରେ ନିଜର ଭାଷାରୂପେ ଗ୍ରହଣକରି ନେଇଥିଲେ । କୋରାପୁଟ ଅଞ୍ଚଳର ଉଉରା, ଭୂମିୟାଁ, ସଉରା, ପରଜା, ଗାଦବା, ଡମ ପ୍ରଭୃତି ଜାତିର ଲୋକେ ଚଇତ ପର୍ବରେ ଯେଉଁ ଗୀତସବୁ ବୋଲନ୍ତି ସେଗୁଡ଼ିକର ଭାଷା ଅତି ସରଳ, କୋମଳ, ଲଳିତ, ସାବଲୀଳ ଓ ରସାଳ । ଓଡ଼ିଆପାଠକଙ୍କ ଅବଗତି ନିମନ୍ତେ ଶ୍ରୀମଞ୍ଜୁ ଘୋଷ ତ୍ରିପାଠୀଙ୍କ କୃତ ଗୀତରୁ କେତେକ ପଂକ୍ତି ନିମ୍ନରେ ଉଦ୍ଧାର କରାଗଲା ।

ପୁରୁଷ— ଗୁଣମଣି ବୋଲି ଡାକିଲି ତୋତେ
ଆଚ୍ଛା ବୁଝାମଣା କଲୁ,
ବାଲ୍ୟ କାଳର ଅମୂଲ୍ୟ ଡାକ
ପାଣିରେ ଭସାଇ ଦେଲୁ ।
ଗମ୍ଭୀର ଗଛରେ ଗୃଞ୍ଜିଲି ପୀଡ଼
ଝଂପକର ଘଣ୍ଡ ଭିଡ଼ ।

× × ×

ସ୍ତ୍ରୀ— କୋଁ ଧାଟେ ଡାକିଲି କୋ'ବାଟେ ଶୁଭିଲି
କୋ' ବାଟେ ମେଲଣି ହେଲି
ମାସ୍ତା ମୁରୁଗୀକ କାଣ୍ଡ ବାଜିଲି
ମୋ ବନ୍ଧୁ ପର୍ ଲଗିଲି ।
ଏବେ ମୁଁ ଶୁଣିଲି ବନ୍ଧୁର ଡାକ
ଗୁଡ଼ିଗଲି ଶୋଷ ଭୋକ ।

ଯେଉଁ ପାର୍ବତ୍ୟ ଜାତିମାନେ ଏପରି ପ୍ରାଣସ୍ପର୍ଶୀ ଓଡ଼ିଆ ଭାଷାରେ ନିଜ ଅନ୍ତରର ଭାବ ଗୀତାକାରରେ ପ୍ରକାଶ କରୁଛନ୍ତି, ସେମାନଙ୍କୁ ଓଡ଼ିଆ ବ୍ୟତୀତ ଆଉ କଣ କୁହାଯାଇପାରେ ?

ଆଦିବାସୀମାନେ ଏବେ ନୁହେଁ ବହୁପ୍ରାଚୀନ କାଳରୁ ଓଡ଼ିଆକୁ ନିଜରଭାଷାରୂପେ ଗ୍ରହଣ କରିଥିବା ଓଡ଼ିଆ ଭାଷାରେ ଲିଖିତ ମନ୍ତ୍ରମାନଙ୍କରୁ ଜଣାଯାଏ । ଗୋଟିଏ ମନ୍ତ୍ରର କେତେକ ପଦ ନିମ୍ନରେ ଦିଆଗଲା ।

ଶବର ଶବରଣୀ ଗଲେ ବନକୁ
ଶବର ହୋଇଲା ଘା
ଶବରଣୀ ବୋଲେ ରହୁ ରକ୍ତ ତ ରହୁ
ରହୁ ନ ରହୁ ବୋଲି କାହାର ଆଜ୍ଞା ।
ନଟେଇ ଧୋବଣୀ ପତର ଶହୁରୁଣୀର କୋଟି କୋଟି ଆଜ୍ଞା ।

ପ୍ରାଚୀନ ବୌଦ୍ଧଗାନ ଗୁଡ଼ିକ ମଧ୍ୟରୁ ଅନେକ ଡମ୍ବ ଓ ଶବରମାନଙ୍କ ଉଦ୍ଦେଶ୍ୟରେ ଲିଖିତ ହୋଇଥିବାରୁ ସ୍ପଷ୍ଟ ଜଣାଯାଏ ଯେ ସେମାନେ ଦଶମ ଶତାବ୍ଦୀ ପୂର୍ବରୁ ମଧ୍ୟ ଓଡ଼ିଆ ଭାଷାଭାଷୀ ଥିଲେ ।

'ନଗର ବାହିରେ ଡୋମ୍ବି ତୋହରି କୁଡ଼ିଆ', ଏଠାରେ ଡୋମ୍ବୀକୁ ତା ନିଜ ଭାଷା ଓଡ଼ିଆରେ କୁହାଯାଇଛି ।

ଆଦିବାସୀମାନଙ୍କ ମଧ୍ୟରୁ କେତେକ ନିଜର ମହତ୍ ଦାନଦ୍ୱାରା ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ । ବର୍ତ୍ତମାନ ଅଧିକାଂଶଙ୍କ ନାମ ଅଜ୍ଞାନତମସାଚ୍ଛନ୍ନ । ଯେଉଁ କେତେଜଣଙ୍କ ନାମ ଜଣାଯାଇଛି ସେମାନଙ୍କ ମଧ୍ୟରେ କନ୍ଧଜାତୀୟ ଯୋଗ ଦାସ ଓ ଭୀମ ଭୋଇ ପ୍ରଧାନ । କନ୍ଧ ଯୋଗ ଦାସ ସମ୍ବଲପୁରର

ପ୍ରସିଦ୍ଧ ଦେବତା ନରସିଂହ ନାଥଙ୍କ ସମ୍ବନ୍ଧରେ ଅଷ୍ଟାଦଶ ଶତାବ୍ଦୀରେ ଏକ ପୁରାଣ ବା ମାହାତ୍ମ୍ୟ ଗ୍ରନ୍ଥ ରଚନା କରିଥିଲେ । ଏହାର ନାମ ନୃସିଂହ ମାହାତ୍ମ୍ୟ । ଏହି ଗ୍ରନ୍ଥ ବୋଡ଼ା ସମ୍ବଲପୁରର ଜନୈକ ପୂର୍ବତନ ରାଜାଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲେ ମଧ୍ୟ ମୂଳ ଗ୍ରନ୍ଥ ଠାରୁ ଏଥିରେ କେତେକ ପାର୍ଥକ୍ୟ ଦେଖାଯାଏ । ଓଡ଼ିଶାର କନ୍ଧଜାତିର ଇତିହାସ ଜାଣିବାପାଇଁ ଏଥିରୁ କେତେକ ବିଶ୍ୱାସ-ଯୋଗ୍ୟ ବିବରଣୀ ମିଳେ ।

କନ୍ଧଜାତୀୟ ଅନ୍ଧ ଭୀମ ଭୋଇ ଗତ ଶତାବ୍ଦୀର ଓଡ଼ିଶାର ଜଣେ ଶ୍ରେଷ୍ଠ କବି, ଧର୍ମ-ପ୍ରଚାରକ ଓ ସମାଜସଂସ୍କାରକ । ତାଙ୍କ କୃତ ସ୍ତୁତିଚିନ୍ତାମଣି, ବ୍ରହ୍ମନିରୂପଣ, ଶ୍ରୁତିନିଷେଧ ଗୀତା, ଭଜନମାଳା (ପ୍ରଥମଶତକ), ଭଜନମାଳା (ଦ୍ୱିତୀୟ ଶତକ) ପ୍ରଭୃତି ପ୍ରାଚୀସମିତି ପ୍ରକାଶ କରି ଓଡ଼ିଶାର ପରମକଲ୍ୟାଣ ସାଧନ କରିଛନ୍ତି । ତାଙ୍କ କୃତ 'ନିର୍ବେଦସାଧନ' ନାମକ ଧର୍ମତତ୍ତ୍ୱ ବିଶ୍ଳେଷଣମୂଳକ ଗ୍ରନ୍ଥ ଏ ପର୍ଯ୍ୟନ୍ତ ଅପ୍ରକାଶିତ ରହିଛି । ଭୀମ ଭୋଇଙ୍କ ଭଜନର କେତେକ ପଦ ନିମ୍ନରେ ଉଦ୍ଧାର କରାଗଲା ।

ଆନନ୍ଦେ ନାମ ବ୍ରହ୍ମେ ବିଚର
କର୍ମ କାମନାରେ ଭ୍ରମି ନ ମର । ଘୋଷା ।

ଯେତେବେଳେ ବ୍ରହ୍ମ ଏକ ପାଦେ ଥିଲା ନ ଥିଲା ମାତ୍ର ଅକ୍ଷର
ହୋଇ ନିଶବଦ ନ ଥିଲା ଶବଦ ମହାଘୋର ଭୟଙ୍କର । ୧ ।
ନ ଥିଲା ଏ ଜଳ ନ ଥିଲା ପବନ ନ ଥିଲା ସଚରାଚର
ଜ୍ୟୋତି ନିରାକାର ଠୁଳ ଶୂନ୍ୟେ ଘର ନ ଥିଲା ଶୂନ୍ୟ ସଞ୍ଚାର । ୨ ।
ନ ଥିଲା ଏ ଜ୍ୟୋତି ଯୁଗଳ ସରାଗ ରଙ୍ଗରେଖା ବିରଙ୍ଗର
ତରୁଳ ଗରୁଳ ଅରୁଳ ସରୁଳ ନ ଥିଲା ଦୀର୍ଘ ପ୍ରହର । ୩ ।
ନ ଥିଲା ଏ ପିଣ୍ଡ ନ ଥିଲା ବ୍ରହ୍ମାଣ୍ଡ ବଚନ ନ ଥିଲା ସାର
ସିଦ୍ଧିତ୍ୟ ଅକ୍ଷର ତଦତତ୍ୟେ ଗୋଚର କେ କଲା ବେଦ ବିଗ୍ରହ । ୪ ।
ନ ଥିଲା ଏ ଗୁଣ ଯୁଗ ଗୁଣ ଭୋଗ ନ ଥିଲା ଜପ ମନ୍ତ୍ର
ପ୍ରଭୁ ଆଗ୍ୟାନଙ୍କୁ ଯନ୍ତ୍ରମନ୍ତ୍ର ଧ୍ୟାନ ଶସ୍ତ୍ରେ ଯୋଜନ ଅନ୍ତର । ୫ ।
ବେଦ ବିଦ୍ୟା ଆଦି ମନ୍ତ୍ର ମଉଷଧି କି କରିବ ଏ ମାନର
ବୋଲେ ଭୀମ ଭୋଇ ଗୁରୁ ପଦଧ୍ୟାୟୀ ଏକା ମୋ ଗୁରୁ ପସ୍ତର । ୬ ।

( ପ୍ରାଚୀ ଭଜନମାଳା ଦ୍ୱିତୀୟ ଶତକ ୧୬୨ )

ଅତି ସରଳ ଭାଷାରେ ଭୀମ ଭୋଇ ନିଗୂଢ଼ ଦୁର୍ବୋଧ୍ୟ ଧର୍ମତତ୍ତ୍ୱ ପ୍ରକାଶ କରି ସ୍ୱୀୟ ଋଷି କବିତ୍ୱ ଶକ୍ତିର ସମ୍ୟକ୍ ପରିଚୟ ପ୍ରଦାନ କରିଛନ୍ତି ।

ମହିମାଧର୍ମ ପ୍ରଚାରକ କବି ଭୀମ ଭୋଇ ନିଜ ଜାତିଭାଇମାନଙ୍କ ମଧ୍ୟରେ ମହିମାଧର୍ମ ପ୍ରଚାର ପାଇଁ କୁଇଭାଷା ପରିବର୍ତ୍ତିରେ ସରଳ ଓଡ଼ିଆ ଭାଷା ବ୍ୟବହାର କରିଥିବାର ସ୍ପଷ୍ଟ ପ୍ରମାଣିତ ହୁଏ ଯେ, କନ୍ଧ ପାର୍ବତ୍ୟ ଜାତି ତାଙ୍କ ସମୟକୁ ପୂର୍ଣ୍ଣତଃ ଓଡ଼ିଆ ଭାଷାଭାଷୀ ହୋଇ ସାରିଥିଲେ ।

କୌଣସି ସରକାରୀ ଆଇନ ବଳରେ ବାଧ୍ୟକରି ସେମାନଙ୍କୁ ଓଡ଼ିଆଭାଷା ଶିକ୍ଷା ଦିଆଯାଇ ନ ଥିଲା । ଅନ୍ଧକବି ଭୀମଭୋଇଙ୍କ ଅନ୍ତରର ଗଭୀରତମ ପ୍ରଦେଶରୁ ସ୍ୱତଃସ୍ଫୂର୍ତ୍ତି ଉପରଲିଖିତ ଭାଷା ଏହି ପ୍ରାକୃତିକ କ୍ରମବିକାଶର ପରିଣାମ ମାତ୍ର ।

ଆଦିବାସୀମାନେ ଓଡ଼ିଆ ଭାଷାରେ ଲିଖିତ ପ୍ରାଚୀନ କୃତିମାନଙ୍କୁ ତାଳପତ୍ର ପୋଥିରେ ଲେଖି ସ୍ୱଗୃହରେ ଅତି ଯତ୍ନ ସହକାରେ ରଖି ଅବସର ସମୟରେ ପାଠ କରୁଥିଲେ । କବି ବନମାଳୀ ଦାସଙ୍କ କୃତ ରାସର ସର୍ବପ୍ରାଚୀନ ପୋଥି କଳାହାଣ୍ଡି ଛଲପା ଗାଁର ଏକ କନ୍ଧ ସର୍ଦ୍ଦାରଙ୍କ ଘରୁ ମିଳିଥିଲା । ଭିନ୍ନଖଣ୍ଡରେ ବିଭକ୍ତ ସମଗ୍ର ବନମାଳୀ ରାସକୁ କଳାହାଣ୍ଡି ରାଜ୍ୟସ୍ଥ ମାଡ଼ିଙ୍ଗ ଗ୍ରାମର କନ୍ଧ ଗୌନ୍ତିଆ ସାଇତି ରଖିଥିଲେ । ଗଞ୍ଜାମ, କଳାହାଣ୍ଡି, ଜୟପୁର ଅଞ୍ଚଳର ପ୍ରାଚୀନ ଆଦିବାସୀ ଗ୍ରାମମାନ ସନ୍ଧାନ କଲେ ଏହିପରି ଶହ ଶହ ଓଡ଼ିଆ ତାଳପତ୍ର ପୋଥି ମିଳିପାରିବ ।

ସୁଦୂର ଅତୀତରୁ ଏପରିକି ବୌଦ୍ଧ ଯୁଗରୁ ଆଦିବାସୀମାନେ ଓଡ଼ିଆକୁ ନିଜର ଭାଷାରୂପେ ଗ୍ରହଣ କରି ନେଇଛନ୍ତି । ଓଡ଼ିଆ ଭାଷାରେ ନିଜର ସୁଖ, ଦୁଃଖ, ପ୍ରଣୟ, ବିଚ୍ଛେଦ, ଅନୁରାଗ, ବିରାଗର ଭାବ ପ୍ରକାଶ କରି ପରମ ସନ୍ତୋଷଲାଭ କରୁଛନ୍ତି । ତେଣୁ ବର୍ତ୍ତମାନ ଓଡ଼ିଶାର ବିରାଟ ଆଦିବାସୀ ଜନତାକୁ ଓଡ଼ିଆଭାଷା ବ୍ୟତୀତ ଅନ୍ୟ ଉପଭାଷା ଶିକ୍ଷା ଦେବାର ଆଇନ ଦ୍ୱାରା ବ୍ୟବସ୍ଥା କରାଗଲେ ତାହା କ୍ରମବିକାଶର ଧାରା ଅବରୁଦ୍ଧ ଓ ବ୍ୟାହତ ହେବ । ବିଭିନ୍ନ ଶ୍ରେଣୀର ଆଦିବାସୀମାନଙ୍କ ମଧ୍ୟରେ ଅଯଥା ବିଭେଦ ସୃଷ୍ଟି ହେବ । ଆଦିବାସୀ ଗବେଷଣା ବିଭାଗ ଓଡ଼ିଆଭାଷାକୁ ସେମାନଙ୍କର ଦାନ ସମ୍ବନ୍ଧରେ ଧାରାବାହିକ ଗବେଷଣା ଚଳାଇଲେ ତାହାର ପରମ-କଲ୍ୟାଣ ସାଧିତ ହେବ ।

# କୋୟା ସମାଜରେ ଓ୍ୱାଡ଼େର ସ୍ଥାନ ।

ନରସିଂହ ମିଶ୍ର

କୋୟା ସମାଜରେ ସବୁଠୁଁ ଉଚ୍ଚ ଆସନରେ ରହିଲା ପେଦ୍ଦା (ନାୟକ) ତା ହାତରେ ରହିଲା ଶାସନ କ୍ଷମତା । ତାର ଆଦେଶକୁ ଏଡ଼ି ଦେବାର କ୍ଷମତା କାହାର ନାହିଁ । ତା ଇଚ୍ଛାରେ ଜଣେ ଗ୍ରାମ ଛାଡ଼ି ଚାଲିଯିବାକୁ ହେବ ଓ ସେ ଚାହିଁଲେ ବାହାରୁ ଜଣେ ଆସି ଗାଁରେ ସ୍ଥାନ ପାଇବ । ତା କଥାରେ କିଏ ଅମାନ୍ୟ ହେଲା ତ, ସଙ୍ଗେ ସଙ୍ଗେ ଆଦେଶ ହେବ, "ଯା, ଯା, ମୋ ଗାଁ ଛାଡ଼ି ଏହିକ୍ଷଣି ଚାଲିଯା । ତୋ ଭଳି ପ୍ରଜା ଥାଇ କୋଉ ଲୋଡ଼ାକୁ ।" ପେଦ୍ଦା ତଳକୁ ରହିଲା ପିନ୍ନା ପେଦ୍ଦା (ସାନ ନାୟକ) । ପେଦ୍ଦାର ଅନୁପସ୍ଥିତିରେ ଗ୍ରାମର ସମସ୍ତ ଦାୟିତ୍ୱ ରହିବ ତା ଉପରେ । ତା ଛଡ଼ା ପ୍ରତି ଗାଁରେ ଆଉ ଜଣକୁ ଦେଖିବାକୁ ମିଳେ । ସେ ଜାତିରେ କୋୟା ହୋଇଥିଲେ ତାକୁ କୁହାଯାଏ କଟ୍ୱାଲ । ଜାତିରେ ପାଣ ହୋଇଥିଲେ ତା ନାମ ହେଲା ଚାଲାଣି । ପେଦ୍ଦାର ଆଦେଶକୁ କାର୍ଯ୍ୟରେ ପରିଣତ କରିବା ହେଲା କଟ୍ୱାଲ ବା ଚାଲାଣିର କାମ । ସମାଜରେ ଏହାର ସ୍ଥାନ ଅତି ତଳକୁ, ମାତ୍ର ଲୋକେ ତାକୁ ମଧ୍ୟ ଖାତିର କରନ୍ତି କାରଣ ପେଦ୍ଦା ଆଗରେ କେତେବେଳେ କାଳେ କିଛି ଖଚା ମିଛ କହି ହଇରାଣ କରିବ ।

ପେଦ୍ଦା ହାତରେ ସିନା ରହିଲା ଶାସନ କ୍ଷମତା, କିନ୍ତୁ ସମାଜରେ ଶୃଙ୍ଖଳାକୁ ଜଗି ରହିଛି ଆଉ ଜଣେ । ସେ ହେଲା ପୂଜାରୀ । ପୂଜାରୀ ଦିନ ବାର ଓ ଲଗ୍ନ ଠିକ୍ କରେ । ସେ ଯୋଗ ଦିଏ ଅର୍ଥାତ ତାର ନିର୍ଦ୍ଧାରିତ ଦିନ ଅନୁସାରେ ବିହନ ବୁଣାଯାଏ, ନୂଆ ଫସଲ ଆଦାୟ ହୁଏ, ନୂଆଖିଆ ପର୍ବ ହୁଏ । ବିଶେଷତଃ କେଉଁ ଯୋଗରେ ବାହାରିଲେ ଭଲ ଶିକାର ମିଳିବ ତାହା ସେ କହିପାରେ । ଏ ସମସ୍ତଙ୍କ ଛଡ଼ା କୋୟା ଆଉ ଜଣକୁ ବିଶେଷ ସମ୍ମାନ ଓ ଭୟ କରେ । ସେ ହେଲା ଓ୍ୱାଡ଼େ (ଗୁଣିଆ) । ପେଦ୍ଦା ରାଗିଲେ ସିନା ବେଧା କି ଚାପୁଡ଼ାଏ ମାରିବ ବା ଗାଁରୁ ବାହାର କରିଦେବ, କିନ୍ତୁ ଓ୍ୱାଡ଼େ ରାଗିଲେ କଥା ସରିଲା । ଗଛରେ ଫଳ ଫଳିବ ନାହିଁ, ଜମିରେ ଫସଲ ଉଧେଇବ ନାହିଁ । ଶେଷକୁ ଦେବତାକୁ ମତାଇ ବଂଶ ବି ପଦା କରିଦେବ ।

କୋୟା ବିଶ୍ୱାସ କରେ ଦେବତାର ଆଶୀର୍ବାଦ ନେଇ ଓ୍ୱାଡ଼େ ଜନ୍ମ ହୁଏ । ଓ୍ୱାଡ଼େ ହେବାର ସୁଯୋଗ ସମସ୍ତଙ୍କ ଭାଗ୍ୟରେ ଯୁଟେ ନାହିଁ । ଯେଉଁ ପୁଅର ମୁଣ୍ଡରେ ଜଟ ହୁଏ, ସେ

କେବଳ ଓ୍ୟାଡ଼େ ହେବାପାଇଁ ଉପଯୁକ୍ତ । ସୁତରାଂ ତା ମୁଣ୍ଡରୁ ଜଟା କଟା ନ ଯାଇ ତାକୁ ଜଣେ ପ୍ରବୀଣ ଓ୍ୟାଡ଼େର ତତ୍ତ୍ୱାବଧାନରେ ରଖାଯାଏ ଓ ଓ୍ୟାଡ଼େ ତାକୁ ପୂଜାବିଧି ଶିକ୍ଷାଦିଏ । ସମସ୍ତ ପୂଜାବିଧି ଓ ମନ୍ତ୍ର ଶିକ୍ଷା କଲାପରେ ସେ ଓ୍ୟାଡ଼େରୂପେ ସମାଜରେ ସମ୍ମାନ ପାଏ ।

କାହାକୁ ଜ୍ୱର ବଥା ହେଲେ ବି କୋୟା ବିଶ୍ୱାସ କରେ ଯେ କେଉଁ ଅପଦେବତାର ଦୃଷ୍ଟି ପଡ଼ୁଛି । କାହାଘରେ ଛୁଆ ଜନ୍ମ ହୋଇ ପାରୁନି; କାହାର ପେଟ ମାରୁଛି, କାହାର ମୁଣ୍ଡ ଧରୁଛି, ତା ସାଥି ସାଥି ଓ୍ୟାଡ଼େ ଘରକୁ ଖବର ଯିବ । ଓ୍ୟାଡ଼େ ଆସିଲେ ଭୂମିରେ ବସିବ ନାହିଁ । ତା ବସିବା ପାଇଁ ଉଚ୍ଚ ଆସନ ଦିଆଯିବ । ସେ ସମସ୍ତଙ୍କ ହାଣ୍ଡିରେ ଖାଇବ ନାହିଁ । ତା ପାଇଁ ସ୍ୱତନ୍ତ୍ର ରୋଷାଇର ବ୍ୟବସ୍ଥା ହେବ । ରୋଗୀ ନିକଟରେ ବସି ଓ୍ୟାଡ଼େ ଜଟ ଫିଟାଇବ । ଚାଉଳ, ଅଣ୍ଡା, ଦୁଧ ଇତ୍ୟାଦି ରଖି ମନ୍ତ୍ର ପଢ଼ିବ ଓ ଉଚ୍ଚ ପାଟିରେ ପଚାରିବ, 'ତୁ କେଉଁଠିକାର ଭୂତ' କେଉଁ ଦେଶର କେଉଁ ମାଟିର, ମୋ ହାତରେ ତୋତେ ନୂଆଁଇ ଦେବି, ନଚେଇ ଦେବି, ମୋ କଥା ନ ଶୁଣି ତୁ କଆଡ଼େ ଯିବୁ ? ମୁଁ ଲାଗିଥିଲେ ମିଶାଇ ଦେବି, ଫୁଲ ଉଠିଥିଲେ ଶୁଖାଇ ଦେବି, ବସିବା ଦେବତାକୁ ଉଠାଇ ଦେବି, ଧାଉଁଥିବା ଦେବତାକୁ ଅଟକାଇ ଦେବି, ତୁ ଅବା କେଉଁକର ? ଯା ଯା ଯା ଶୀଘ୍ର ଛାଡ଼ି ଚାଲିଯା । ଯେତେବେଳେ ଆଶା କରି ଆସିଛୁ, ତୋତେ କୁକୁଡ଼ାଟାଏ ଦେବି, ଅଣ୍ଡାଟାଏ ଦେବି, ଲଂଡା ମଦଟିଏ ଦେବି, ତୁ ଯା, ଚାଲିଯା । କୋୟା ବିଶ୍ୱାସ କରେ ଓ୍ୟାଡ଼େର ଭୟରେ ଭୂତ ଛାଡ଼ି ଚାଲିଯାଏ ।

ସେତ ଗଲା, ଭୂତ ଦେବତା । କାହାର ଗୋଡ଼ ଫୁଲିଲେ, କାହାର ମୁଣ୍ଡ ଧରିଲେ ବା କାହାର ଛାତି ଦରଜ ହେଲେ କୋୟା ଭାବେ କିଏ ବାଣ ମାରୁଛି (ପାଂଗଣ କରୁଛି) । ତା ଫେର ଆଶ୍ଚର୍ଯ୍ୟ ଧରଣର । କାହା ପେଟରେ ହାଡ଼, କାହା ମୁଣ୍ଡରେ ପୋକ, କାହା ଆଖିରେ ଧାନ । ଓ୍ୟାଡ଼େ ବେଦନା ସ୍ଥାନରେ ମୁହଁ ଲଗାଏ କାମୁଡ଼ି ଟାଣି ଆଣିବ ହାଡ଼, ବାଳ, ଧାନ ପୋକ ଇତ୍ୟାଦି ।

ଯଦି ବସନ୍ତ ରୋଗ ହୋଇଥାଏ, ଓ୍ୟାଡ଼େ ଅନ୍ୟ ରକମ ପୂଜା କରେ । ରୋଗୀ ନିକଟରେ ବସି ମୟୂର ପୁଚ୍ଛ ଧରି ବିଞ୍ଚି ଦିଏ ଓ ଠାକୁରାଣୀଙ୍କୁ କାତର ଭାବେ ଗୁହାରି କରେ ।

କୋଜୋ କୋଜେ କ୍ରୋକ୍ରେ । ଜୁହାର ।  
ୟ୍ୟାୟୋ ୟ୍ୟାୟୋ ୟ୍ୟାୟୋ । ଜୁହାର ।  
ୟ୍ୟାୟୋ ଦାଂତା ବାଡ଼ନ୍, ୟ୍ୟାୟୋ ମାଡଦାଲ୍ ରଙ୍ଗେ,  
ୟ୍ୟାୟୋ ବଂଚାଲ ପାଟନ୍ନି, ୟ୍ୟାୟୋ କୁଆ କୁଣ୍ଡିନ,  
ୟ୍ୟାୟୋ କଂଦା ଗାଡ଼ବୋ, ୟ୍ୟାୟୋ ଛନା କାଟେଲୁ,  
ୟ୍ୟାୟୋ ମାନସ କୁଣ୍ଡିଂ, ୟ୍ୟାୟୋ ସିନ୍ଧ ଗୋଣ୍ଡନ୍  
ୟ୍ୟାୟୋ ୟ୍ୟାୟୋ ୟ୍ୟାୟୋ ଜୁହାର ।

"ଜୁହାର, ଜୁହାର, ଜୁହାର ମା' ତୋତେ ଜୁହାର । ମା ଦନ୍ତ ବେଡ଼ାର ଠାକୁରାଣୀ, ମା ବଂଚାଲ ପାଟନା ଠାକୁରାଣୀ, ମା ମାଡଦାଲ ଠାକୁରାଣୀ, ମା ମାନମକୁଣ୍ଡା ଠାକୁରାଣୀ, ତୁମମାନଙ୍କୁ ଜୁହାର । ତୁମେ ମୋ ରୋଗୀର କିଛି କ୍ଷତି କରନା । ତୁମେ ଯାହା ଚାହିଁବ ଦେବି, ତୁମେ ମୋ ମୁଣ୍ଡ (ରୋଗୀର ମୁଣ୍ଡ) ସମ୍ଭାଳ ।"

## ମିଶ୍ର— କୋୟା ସମାଜରେ ଓ୍ୟାଡେର ସ୍ଥାନ

ରୋଗୀ ଯେତେବେଳେ ରୋଗମୁକ୍ତ ହୁଏ, ଓ୍ୟାଡେ ତାକୁ ପାଣିରେ ଗାଧୋଇ ଦେବାକୁ ଆସେ । ପୂର୍ବର ପ୍ରତିଶ୍ରୁତି ଅନୁସାରେ ସମସ୍ତ ଦେବତାଙ୍କ ନାମରେ ପୂଜା ହୁଏ ।

ପ୍ରାୟ ପ୍ରତ୍ୟେକ ଓ୍ୟାଡେର ଘର ନିକଟରେ ଗୋଟିଏ ଗୋଟିଏ ମେଲଣ ଥାଏ । ଆଖ ପାଖ ଗାଁରୁ ରୋଗୀ ଆସି ସେଠାରେ ରହନ୍ତି । ଓ୍ୟାଡ଼େ ନିତି ସକାଳେ ଓ ସନ୍ଧ୍ୟାରେ ମନ୍ତ୍ର ପଢ଼ି ସେମାନଙ୍କୁ ଝାଡ଼ ଫୁଙ୍କ କରେ । ଯାହା ଭାଗ୍ୟରେ ଥାଏ, ସେ ଭଲ ହୁଏ । ଏପରି କି ମାସ ମାସ ଧରି ଜଣେ ଜଣେ ରୋଗୀ ଓ୍ୟାଡ଼େ ନିକଟରେ ପଡ଼ିରହନ୍ତି । ବିଶେଷତଃ ନିଜ ଗାଁ ଓ୍ୟାଡେକୁ ନ ଡାକି ଅନେକ ଅନ୍ୟ ଗାଁରୁ ଓ୍ୟାଡ଼େକୁ ଡାକି ଆଣିଥାନ୍ତି ବା ରୋଗୀକୁ ଅନ୍ୟ ଗାଁକୁ ନିଅନ୍ତି । ବୋଧ ହୁଏ ସେମାନେ ବିଶ୍ୱାସ କରନ୍ତି ଯେ ଗାଁ କଳି କଜିଆ ବା ମନୋମାଳିନ୍ୟକୁ ନେଇ ଗାଁର ଓ୍ୟାଡେ ବାଣ ମାରିଛି ।

କୋୟା ସମାଜରେ ଓ୍ୟାଡ଼େର କାର୍ଯ୍ୟ (ସେବା) ଅପରିହାର୍ଯ୍ୟ । ସେମାନଙ୍କର ଗ୍ରାମ୍ୟ ଗୀତରେ ଓ୍ୟାଡ଼େର ମହିମା ବିଶେଷଭାବେ ବର୍ଣ୍ଣିତ । ସାଧାରଣ କଥାରେ ଓ୍ୟାଡ଼େ ନିକଟକୁ ସ୍ତ୍ରୀ ପୁରୁଷ ମିଶିକରି ଯିବାଟା ଏକ ପ୍ରକାର ସଉକିନ ମନେ କରନ୍ତି, ବୋଲି କହିଲେ ଚଳେ ।

ଆପଦ ବିପଦରୁ ରକ୍ଷା କରେ ବୋଲି ଓ୍ୟାଡେକୁ କୋୟା ବିଶେଷ ସମ୍ମାନ ଦେଖାଏ ଓ ଭକ୍ତି କରେ । କିନ୍ତୁ ଅନେକ ସମୟରେ ଘୃଣା ବି କରେ । ଯଦି ଓ୍ୟାଡେ ହୋଇ କେହି ନ ଥାନ୍ତେ, ଆମକୁ କିଏ ବାଣ ମାରନ୍ତା ନାହିଁ ବା ଭୂତ ପେଷନ୍ତା ନାହିଁ ।

---

# 'ମୁଁ ଜଣେ ଆଦିବାସୀ'

ନବକିଶୋର ଦାସ

ଆଦିକବି ଶାରଳା ଦାସଙ୍କ ଶ୍ରାଦ୍ଧ ଦିବସରେ ତାଙ୍କର ରଚନା, ଭାଷା, ଭାବ ଓ ସାହିତ୍ୟର ଆଲୋଚନା ହେବା ସଙ୍ଗେ ସଙ୍ଗେ ପଣ୍ଡିତ ଅର୍ଥାତ ଉଚ୍ଚଶିକ୍ଷିତ ଭାରତୀୟ ତାଙ୍କର ଜାତିଗତ ପ୍ରଶ୍ନ ଉପରେ ବହୁ ସମୟ ଧରି ଆଲୋଚନା କରିଥିଲେ । ଖବର କାଗଜରେ ପ୍ରକାଶ ପାଇଲା ଯେ ଆଲୋଚ୍ୟ ବିଷୟବସ୍ତୁ ଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନ ପାଇଥିଲା ଶାରଳା ଦାସ କେଉଁ ଜାତିଆଣ ଗୋଷ୍ଠୀର । ଏହି ସମ୍ବାଦ ପଢ଼ି ବହୁତ ଶିକ୍ଷିତ ଭାରତୀୟ ମଧ୍ୟ ବଡ଼ ରାଗିଲେ । କିନ୍ତୁ ଏଥିରେ ରାଗିବାର କିଛି ନାହିଁ । କାରଣ ଭାରତୀୟମାନଙ୍କ ମନ ବର୍ତ୍ତମାନ ସୁଦ୍ଧା ଜାତିଆଣ ଗୋଷ୍ଠୀର ଗଣ୍ଡି ମଧ୍ୟରେ ବୁଡ଼ି ରହିଛି । ଏହି ଜାତିଗତ ପ୍ରେମ କିପାଇଁ ଆମ୍ଭମାନଙ୍କର ପ୍ରଚଳିତ ସାଂସ୍କୃତିକମାନଙ୍କୁ ଅତିକ୍ରମ କରି ମନୁଷ୍ୟ ମନରେ କାର୍ଯ୍ୟ କରୁଅଛି, ତାହା ଅର୍ଥନୀତି ଦିଗରୁ ଗବେଷଣା ପାଇଁ ଏକ ଅତି ଉପାଦେୟ ବିଷୟ । ଡାକ୍ତରମାନେ ଡାକ୍ତରଭାବରେ ଏକ ସଂପ୍ରଦାୟଭୁକ୍ତ ହୋଇପାରୁ ନାହାନ୍ତି । ଓକିଲମାନେ ଓକିଲ ଭାବରେ ଅଫିସରେ ଏକ ସମ୍ପ୍ରଦାୟଭୁକ୍ତ ହେଲେ ମଧ୍ୟ ସାମାଜିକ କ୍ଷେତ୍ରରେ ପୁଣି ଜାତିଆଣ ଗଣ୍ଡିରେ ପଡ଼ିଯାଉଛନ୍ତି । ଏହି ସମସ୍ୟା ଏତେ ବ୍ୟାପକ ଓ ବିଶାଳ ହୋଇଗଲାଣି ଯେ, ଭାରତରେ ପୁରୁଣା ଜାତିଆଣ ଭାବ ରାଷ୍ଟ୍ରନୀତିରେ ମଧ୍ୟ ପ୍ରକାଶ ପାଇଗଲାଣି ବୋଲି ବଡ଼ ବଡ଼ ଶାସକ, ନେତାମାନେ ପାଟିତୁଣ୍ଡ କରୁଅଛନ୍ତି । ଏକ ଲୋକଶାସିତ ରାଷ୍ଟ୍ରରେ ବ୍ୟବସାୟରେ ସ୍ୱାଧୀନତା ପ୍ରତ୍ୟେକ ନାଗରିକର ରହିବା ଉଚିତ । ବାପ, ମା, ଯେଉଁ ବ୍ୟବସାୟ କରୁଥିଲେ ପୁଅ ଝିଅ ଯେ ସେହି ବ୍ୟବସାୟ ଅବଲମ୍ବନ କରିବାକୁ ବାଧ୍ୟ, ଏହା ସମ୍ଭବପର ହୋଇ ନ ପାରେ । ତେଣୁ ବହୁ ଲୋକ ଆମ ଆଖି ଆଗରେ କୁଳ ବ୍ୟବସାୟ ଛାଡ଼ି ଅନ୍ୟ ବ୍ୟବସାୟ ଗ୍ରହଣ କରୁଅଛନ୍ତି । ତେଣୁ ପୁରୁଣା ଜାତିଆଣ ଗୋଷ୍ଠୀ ବହୁ ପରିମାଣରେ କାର୍ଯ୍ୟ କ୍ଷେତ୍ରରେ ଭାଙ୍ଗି ଯାଇଥିଲେ ମଧ୍ୟ ଭାରତୀୟମାନେ ଏପରି ସ୍ଥାଣୁ ହୋଇଯାଇଛନ୍ତି ଯେ, ସେମାନଙ୍କ ମନରେ ଏକ ଅବାସ୍ତବ ଆଦର୍ଶ ସର୍ବଦା ସ୍ଥାନ ଅଧିକାର କରି ବସିଅଛି । ଆମ ମନ ମଧ୍ୟରେ ସାମାଜିକ ସାମ୍ୟ ପୁରାପୁରି ଆଜିଯାଏଁ ଆସିନାହିଁ ବୋଲି ଏଥିରୁ ବେଶ ଅନୁମିତ ହୁଏ ।

ସେହିପରି ଆଉ ଗୋଟିଏ ଦୁହା ଆମ ଭାରତୀୟ ସମାଜରେ ପ୍ରକାଶ ପାଇଛି । ତାହାର ନାମ ଦିଆଯାଇଛି 'ଆଦିବାସୀ' । ବ୍ରିଟିଶ ଶାସନ ଅମଳରେ ଏହି ଦୁହାର ଆରମ୍ଭ । କେତେକ ଅନୁନ୍ନତ ସମ୍ପ୍ରଦାୟ ଗୋଷ୍ଠୀ ନିଜକୁ ଆଦିବାସୀ ବୋଲି କହି ସଙ୍ଗଠିତ ହେଲେ । କିନ୍ତୁ ପ୍ରକୃତରେ କିଏ

ଆଦିବାସୀ, ତାହା ଆଜିଯାଏଁ ଭାରତରେ ବିଗ୍ରୁର ହୋଇନାହିଁ । ଜୁଆଙ୍ଗ, କନ୍ଧ, କୋହ୍ଲ, ପରଜା ପ୍ରଭୃତି ସମ୍ପ୍ରଦାୟର ଲୋକେ କାହିଁକି ଆଦିବାସୀ ଓ ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି, ଗଉଡ଼ ପ୍ରଭୃତି ଜାତିଅଣ ଗୋଷ୍ଠୀର ଲୋକେ କାହିଁକି ଆଦିବାସୀ ନୁହନ୍ତି ତାହା ମୋତେ କେହି ବୁଝାଇ ଦେବେ କି ? ବ୍ରାହ୍ମଣ, କରଣ, ଖଣ୍ଡାୟତ ଆଦି ଜାତିର ଲୋକମାନେ ମଧ ଅନୁନ୍ନତ ଅବସ୍ଥାରେ ରହିପାରନ୍ତି ଓ ସ୍ଥଳେ ସ୍ଥଳେ ମଧ୍ୟ ଅଛନ୍ତି । ଅର୍ଥିକ ଦିଗରୁ ଏମାନେ ଯେ ସର୍ବଦା ଅନୁନ୍ନତ ଅବସ୍ଥାରେ ଅଛନ୍ତି ଓ ଅନ୍ୟମାନେ ଯଥା ବ୍ରାହ୍ମଣ, କରଣ ପ୍ରଭୃତି ନାହାନ୍ତି, ଏହା ଭାବିବା ଉଚିତ ନୁହେଁ । ଅଶିକ୍ଷିତ ଅବସ୍ଥାରେ ବ୍ରାହ୍ମଣ, କରଣମାନେ ମଧ୍ୟ ରହିପାରନ୍ତି । ତେବେ ଏଭଳି ପାର୍ଥକ୍ୟର ମୂଳରେ କି ପ୍ରକାର ବୈଜ୍ଞାନିକ ଭିତ୍ତି ଅଛି କହି ପାରିବ କି ? ଭାରତରେ ପ୍ରଥମରୁ ବାସ କରିଥିବା ଲୋକମାନଙ୍କୁ ଭାରତର ଆଦିବାସୀ ଆଖ୍ୟା ଯଦି ଦିଆଯାଏ ତେବେ ଏମାନେ ଯେ ପ୍ରଥମରୁ ବାସକରୁଥିଲେ ଏହାର କିଛି ପ୍ରମାଣ ଅଛି କି ? ଏପରି ସ୍ଥଳେ ଓଡ଼ିଶାରେ କନ୍ଧ, ଜୁଆଙ୍ଗ ପ୍ରଭୃତି କାହିଁ ଆଦିବାସୀ ଗୋଷ୍ଠୀ ଅନ୍ତର୍ଭୁକ୍ତ ହେବେ ତାହାର ଯଥାର୍ଥତା କଣ ? ରକ୍ତଗୋଷ୍ଠୀ ଦିଗରୁ ବିଗ୍ରୁର କରାଗଲେ ମଧ୍ୟ କୌଣସି ବୈଜ୍ଞାନିକ କରଣ, ଖଣ୍ଡାୟତ ଓ ଜୁଆଙ୍ଗ ପ୍ରଭୃତିଙ୍କ ମଧ୍ୟରେ କୌଣସି ରକ୍ତଗତ ପାର୍ଥକ୍ୟ ଦେଖାଇ ପାରିବେ ବୋଲି ମୋର ବିଶ୍ୱାସ ହେଉନାହିଁ ।

ଦେଶର ଆଗ୍ରୃତି, ଦିଗରୁ ବିଗ୍ରୁର କଲେ ମଧ ଏପ୍ରକାର ପ୍ରଶ୍ନର ସମ୍ମୁଖୀନ ହେବାକୁ ହୁଏ । କାରଣ କେତେକଙ୍କ ମତରେ ଜଗନ୍ନାଥ ଆଦିବାସୀଙ୍କ ଦେବତା । ଶିବପୂଜା ଆଦିବାସୀଙ୍କର; ତେଣୁ ଶିବ ମନ୍ଦିରରେ ଆଦିବାସୀଙ୍କ ପୂଜକ ମଧ ଦେଖିବାକୁ ମିଳେ । ଏ ସମ୍ପର୍କରେ ଏକ କୌତୁକିଆ କଥା ଉଲ୍ଲେଖ କରାଯାଇପାରେ । ବାହାଘର ପୂର୍ବରୁ ଦିଅଁ ମଙ୍ଗୁଳାଯାଏ । ପୂଜାପାଏ ଗାଁ ମୁଣ୍ଡରେ ସ୍ଥାପନ କରାଯାଇଥିବା କେତେଗୁଡିଏ ପଥର । ନାମ ଦିଆଯାଏ ଗ୍ରାମଦେବୀ ଓ ପୂଜା କରେ ଭଣ୍ଡାରୁଣୀ । ଏ ଦୃଷ୍ଟିରୁ ଦେଖିଲେ ଓଡ଼ିଶାର ଅଣଆଦିବାସୀ ଓ ଆଦିବାସୀମାନଙ୍କ ମଧରେ ପାର୍ଥକ୍ୟ କଣ ? ପୁଣି ଜଗନ୍ନାଥ, ଶିବଙ୍କୁ ବର୍ତ୍ତମାନ ମଧ ହିନ୍ଦୁମାନେ ପୂଜା କରୁଛନ୍ତି । ଏପରି ସ୍ଥଳେ, ଭାରତୀୟମାନଙ୍କ ମଧରେ ଏ ଭେଦଭାବ ସୃଷ୍ଟିର ଆବଶ୍ୟକତା କଣ ?

ଶିକ୍ଷା ଓ ଆର୍ଥିକ ପରିସ୍ଥିତି ଦୃଷ୍ଟିରୁ ପୃଥିବୀର ଯେ କୌଣସି ମନୁଷ୍ୟ ଅନୁନ୍ନତ ହୋଇପାରେ । ଏଥିପାଇଁ ଏକ ସ୍ୱତନ୍ତ୍ର 'ଆଦିବାସୀ' ଶ୍ରେଣୀର କି ଦରକାର ? ଯଦି ଭାରତରେ କେତେକ ଲୋକ ଅନୁନ୍ନତ, ଅଶିକ୍ଷିତ, କିମ୍ବା ସେମାନଙ୍କ ଆର୍ଥିକ ପରିସ୍ଥିତି ଅସଂଗଠିତ, ତେବେ ତାର ଉନ୍ନତି କରିବାକୁ ଉଦ୍ୟମ କରାଯାଉ । ମାତ୍ର ଆଦିବାସୀ କହି ଏକ ଗୋଷ୍ଠୀ ସୃଷ୍ଟି କରିବା ଅନାବଶ୍ୟକ । ଏ ସମ୍ପର୍କରେ ଅଛୁଆଁ ପ୍ରଶ୍ନ ମଧ ଆମ୍ଭମାନଙ୍କର ପ୍ରଧାନ ଆଲୋଚ୍ୟ ବସ୍ତୁ । ସବୁ ମଣିଷ ସମାନ । ଭାରତୀୟ ଶାସନଖସଡ଼ା ଜାତିବର୍ଣ୍ଣଧର୍ମନିର୍ବିଶେଷରେ କେତେକ ସମାନତା ସ୍ୱୀକାର କରିଅଛି । ତେଣୁ ଭାରତରେ ଏହି ଶାସନଖସଡ଼ା ବିରୋଧୀ ଯେ କୌଣସି ପ୍ରଥା ବା ଆଗ୍ରୁରକୁ ଦୂର କରିବାକୁ ଆଇନ କରାଯାଇପାରେ, ଆନ୍ଦୋଳନ ଚଳାଯାଇପାରେ ମାତ୍ର ହରିଜନ କହି ଭାରତୀୟମାନଙ୍କ ମଧରୁ ଗୁଡ଼ିଏ ଲୋକଙ୍କୁ ଅଲଗା ଗୋଟିଏ ଶ୍ରେଣୀରେ ପରିଣତ କରିବା କି ପ୍ରୟୋଜନ ?

## ଆଦିବାସୀ

ଗୋଟିଏ ଦେଶର ସମାଜରେ ଅର୍ଥନୀତି ବା କାମକୁ ନେଇ ଶ୍ରେଣୀ ବଣ୍ଟନ ପଦ୍ଧତିରେ ଶ୍ରେଣୀ ଭୁକ୍ତ କରାଯାଇପାରେ ଯଥା:—କୃଷୀ, ଶିକ୍ଷକ, ଓକିଲ ପ୍ରଭୃତି । ମାତ୍ର ମଣିଷ ଦିଗରୁ ଛୁଆ ଅଛୁଆଁ, ବସିବା, ଖାଇବା ଭେଦଭାବ ରହିବା ଉଚିତ ନୁହେଁ । ଏପରି କି ଧର୍ମ ଦିଗରୁ ଦେଖିଲେ ମଧ୍ୟ ବହୁ ତଥାକଥିତ ହରିଜନ ବୌଦ୍ଧ ଧର୍ମାବଲମ୍ବୀ ହୋଇଗଲେଣି । ବହୁ ତଥାକଥିତ ଆଦିବାସୀ ଖ୍ରୀଷ୍ଟିଆନ ଓ ହିନ୍ଦୁଧର୍ମ ଗ୍ରହଣ କରିନେଲେଣି । ତେବେ ଆଦିବାସୀ କିଏ ?

ତେଣୁ ଭାରତୀୟମାନଙ୍କୁ ଆଦିବାସୀ, ହରିଜନ, ଅଣଆଦିବାସୀ ପ୍ରଭୃତି ଶ୍ରେଣୀରେ ବିଭକ୍ତ କରିବାର କି ବୈଜ୍ଞାନିକ ଭିତ୍ତି ଅଛି ତାହା ପ୍ରଥମେ ଆଲୋଚନା କରାଯାଇ ଧାର୍ଯ୍ୟ କରାଯାଉ । ଏହା ଦ୍ୱାରା ଭାରତୀୟ ଏକତା କେତେଦୂର ଦୃଢ଼ ଓ ସଂଗଠିତ ହେଉଛି ତାହା ମଧ୍ୟ ବିଚାର କରାଯାଉ । ଏହି ସମସ୍ୟାର ଆଲୋଚନା ପାଇଁ ମୁଁ ଭାରତର ଶାସକ, ଗବେଷକ, ରାଷ୍ଟ୍ରପରିଚାଳକମାନଙ୍କର ଦୃଷ୍ଟି ପ୍ରଥମେ ଆକର୍ଷିତ କରୁଅଛି ।

# ଭୂୟାଁ ସମାଜରେ ପାଙ୍ଗଣ ବିଶ୍ୱାସର ଗୋଟିଏ ଉଦାହରଣ

କୃଷ୍ଣଚନ୍ଦ୍ର ବେହେରା

ଆମ ଦେଶର ଅନେକ ଅଞ୍ଚଳରେ ଏବେ ମଧ୍ୟ ଗୁଣି ଗାରୁଡ଼ିର ଦୃଢ଼ ବିଶ୍ୱାସ ରହିଛି । ଜ୍ୱର ପେଶିବା, ଘାଆ ଧରିବା ପ୍ରଭୃତି କେତେକ ମାରାତ୍ମକ କାର୍ଯ୍ୟ ଗୁଣିଆମାନେ କରିଥାନ୍ତି ବୋଲି ଶୁଣାଯାଏ । ଆହୁରି ମଧ୍ୟ ଶୁଣିବାକୁ ମିଳେ ଯେ ଡାକ୍ତର କବିରାଜମାନେ ସେସବୁକୁ ଭଲ କରି ପାରନ୍ତି ନାହିଁ । କେବଳ ଗୁଣିଆ ହିଁ ଜ୍ୱର ଛଡ଼ାଇ ପାରିବ, ଘାଆ ଶୁଖାଇ ପାରିବ ଓ ଡାଆଣି ଛଡ଼ାଇ ପାରିବ । ଏହି ଗୁଣି ଗାରୁଡ଼ିକୁ କେନ୍ଦୁଝରର ଭୂୟାଁମାନେ ପାଙ୍ଗଣ କହନ୍ତି । ଯେଉଁ ବ୍ୟକ୍ତି ଏହି ବିଦ୍ୟାକୁ ହାସଲ କରିଥାଏ ସେ ହେଉଛି ପାଙ୍ଗୁଣିଆ ।

କେନ୍ଦୁଝର ଜିଲ୍ଲାର ଭୂୟାଁପୀଢ଼ରେ ଏହି ପାଙ୍ଗଣ ଭୟର ମାତ୍ରା ଖୁବ ଅଧିକ ବୋଲି ମୋର ଧାରଣା ହୋଇଛି । ଭୂୟାଁମାନେ ପାଙ୍ଗୁଣିଆକୁ ଖୁବ୍ ଭୟ କରନ୍ତି । ପାଙ୍ଗୁଣିଆ ମଧ୍ୟ କୌଣସି ଲୋକକୁ ପାଙ୍ଗଣ କରି ବା ପାଙ୍ଗି ମାରି ଦେଇଥିବାର ଶୁଣାଯାଏ । ଭୂୟାଁ ସମାଜରେ ଏହି ପାଙ୍ଗଣ ବିଦ୍ୟା ବା ପାଙ୍ଗୁଣିଆକୁ କେନ୍ଦ୍ର କରି ଅନେକ କିମ୍ବଦନ୍ତୀ ମଧ୍ୟ ଅଛି । ମୁଁ ଏଠାରେ ଯାହା କହିବାକୁ ଯାଉଛି ତାହା କିମ୍ବଦନ୍ତୀ ନୁହେଁ ଗୋଟିଏ ପ୍ରକୃତ ଘଟଣା ।

ମୁଁ ଥାଏ ଭୂୟାଁପୀଢ଼ର ଶୁଆକାଠି ଆଶ୍ରମ ସ୍କୁଲରେ । ଦିନକର କଥା । ସେଦିନ ୧୧ଟା ବେଳେ ମୁଁ ପାଟେଶ୍ୱର ନାଳରୁ ଗାଧୋଇ ମୋର ବସା ଘରକୁ ଯାଉଛି । ଜଣେ ଲାଲ ପଗଡ଼ିଆ ହଠାତ୍ ଆସି ମୋ ସାମନାରେ ହାଜର । ସଲାମଟିଏ କଲା । ହାତରେ ତାର ଖଣ୍ଡେ କାଗଜ । ବଢ଼ାଇ ଦେଲା ମୋତେ । ବୈକୁଣ୍ଠ ପାଖକୁ ନୋଟିସ ଆସିଛି । ନିର୍ଦ୍ଦିଷ୍ଟ ତାରିଖରେ ସେ କୋର୍ଟରେ ହାଜର ହେବ ।

ବୈକୁଣ୍ଠ—ବୈକୁଣ୍ଠନାଥ ପଧାନ । ୭ମ ଶ୍ରେଣୀର ଛାତ୍ର । ଶୁଆକାଠି ଆଶ୍ରମ ସ୍କୁଲରେ ପଢ଼େ । ବୟସ ଷୋଳ କି ସତର ହେବ । ଜାତିରେ ଭୂୟାଁ । ସ୍କୁଲଠାରୁ ଚାରି ପାଞ୍ଚମାଇଲ ଦୂରରେ ତାର ଘର । ଗ୍ରାମ ବାଘ୍ୟାକୁମୁଟିଆ । କଥାଟା କ'ଣ ଜାଣିବାକୁ କୌତୁହଳ ହେଲା । ପୋଲିସ କର୍ମଚାରୀ ଜଣକ ମୋ ସାଙ୍ଗରେ ଚାଲିଲେ ସ୍କୁଲ ଭିତରକୁ କଥାଟି କହି କହି ।

ବୈକୁଣ୍ଠର ବାପା ଓ ଖୁଡ଼ତା ମଧ୍ୟରେ ଆଗରୁ ଖୁବ୍ ମନାନ୍ତର ଥିଲା । ଅନେକ ସମୟରେ କଳି ତକରାଳ ହେଉଥିଲା । ବେଳେ ବେଳେ କଳି ତକରାଳ ଖୁବ୍ ବଢ଼ିଯାଇ ଲାଠି ପାଞ୍ଚଣରେ ଛିଡ଼ୁଥିଲା । ଖୁଡ଼ୁତା ଜଣକ ଜଣେ ଶକ୍ତ ପାଙ୍ଗୁଣିଆ । ବୈକୁଣ୍ଠର ବାପା ବେମାର ହେଲେ । ବହୁତ ଗାଉଁଲି ଔଷଧ—ଚେରମୂଳରେ ଚିକିତ୍ସା ହେଲା । ଫଳ କିଛି ହେଲାନାହିଁ । ବୈକୁଣ୍ଠ ମାଆର ଦୃଢ଼ ବିଶ୍ୱାସ ହେଲା ଯେ ଦେବତା କୋପ କରିଛନ୍ତି । ଦେବତାଙ୍କର ସନ୍ତୋଷ ବିଧାନ ପାଇଁ କେତୋଟି କଳା କୁକୁଡ଼ା ଓ ବୋଦାଙ୍କୁ ହାଣ ମୁହଁରେ ଦିବାକୁ ହେଲା । ତଥାପି ଦେବତାଙ୍କର ହୃଦୟ ତରଳିଲାନାହିଁ । ବେଶି ରାଗିଲେ କି କ'ଣ !

ବୈକୁଣ୍ଠ ପାଠ ଶାଠ ପଢ଼ିଛି । ପୁଣି ଆଶ୍ରମ ସ୍କୁଲରେ । ତାର ବୁଦ୍ଧି ଅକଲ ନିଶ୍ଚୟ ବେଶି । ଡାକ୍ତର ଔଷଧର ଗୁଣ ସେ ଜାଣିଛି । ଡାକ୍ତରଙ୍କ ଉପରେ ତାର ବିଶ୍ୱାସ ଅଛି । ହସପିଟାଲ ଚିକିତ୍ସାରେ ତାର ଆସ୍ଥା ଜନ୍ମିଛି । ସେ ତାର ବାପର ଦେଖାଶୁଣା କରିବାପାଇଁ ମୋ ପାଖରୁ କିଛିଦିନ ଛୁଟି ନେଇ ଘରକୁ ଗଲା । ବାପାକୁ ତାର ନେଇଗଲା ବଡ଼ ଡାକ୍ତରଖାନାକୁ । ବାପା ସେଠାରେ କିଛିଦିନ ରହିଲେ । ହେଲେ ବାର୍ଲିପାଣି ଆଉ ପାଉଁରୁଟି ତାର ରୋଗୀ ବାପାଙ୍କୁ ଗନ୍ଧେଇଲା । ହସପିଟାଲରୁ ବାହାରିଯିବା ପାଇଁ ରୋଗୀ ଜିଦ୍ ଧରିଲା । ପୁଅ ବିଚରା ବାଧ ହୋଇ ବାପକୁ ପୁଣି ନିଜ ଗାଁକୁ ନେଇଗଲା । ଘରେ କିଛିଦିନ ରହିଲାପରେ ରୋଗୀଟି ଚିରଦିନଲାଗି ଚାଲିଗଲା ସେ ପୁରକୁ ନିଜର ପୁଅ ଭାରିଯା ଆଉ ଭାଇ ଭଉଣୀଙ୍କୁ ଛାଡ଼ି ।

ଯଥା ସମୟରେ ଶୁଦ୍ଧିଘର କାମ ବଢ଼ିଗଲା । ବୈକୁଣ୍ଠ ତା' ବାପର ଯୋଗ୍ୟ ପୁଅ । ଶିକ୍ଷିତ ପୁଅ । ବାପର ଶତ୍ରୁକୁ ଚିହ୍ନିବାକୁ ତାର ଆଉ ବାକି ରହିଲା ନାହିଁ । ତାକୁ ସେ ସହଜରେ ଛାଡ଼ିବ ନାହିଁ । ଶତ୍ରୁ ଆଉ କେହି ନୁହେଁ । ତା ନିଜର ଖୁଡ଼ୁତା । ବାପର ମରଣ ପାଇଁ ଏଇ ଖୁଡ଼ୁତା ହେଉଛି ଦାୟୀ । କାରଣ ସେ ପାଙ୍ଗି କରି ତା' ବାପକୁ ମାରିଛି । ଏକଥା ଗାଁରଆଡ଼େ ରାଷ୍ଟ୍ର ହୋଇଗଲା । ଖୁଡ଼ୀ ଖୁଡ଼ତା ଏକଥା ଶୁଣି ଏକାବେଳେକେ ସପ୍ତମରେ । କଳି କଜିଆ ବଢ଼ିଲା । ସାଇ ପଞ୍ଚଶା ଲୋକଙ୍କ ମଧ୍ୟରୁ ବେଶି ବୈକୁଣ୍ଠର ପକ୍ଷ ନେଲେ । ଦିନେ ମଣ୍ଡପଘର ପାଖରେ ବିଚାର ବସିଲା । ଖୁଡ଼ୀ ଖୁଡ଼ୁତା ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରାଇବେ ନଚେତ୍ ଦୋଷୀ ସାବ୍ୟସ୍ତ ହେଲେ ଦଣ୍ଡ ପାଇବେ ।

ବିଚାର ଚାଲିଲା । ସାକ୍ଷୀ ପ୍ରମାଣ ଦରକାର ହେଲା ନାହିଁ । ରାମାୟଣ ଯୁଗର ଅଗ୍ନି ପରୀକ୍ଷା ହେବ । ଗୋଟାଏ ବଡ଼ ଚୁଲିରେ ବଡ଼ ବଡ଼ ଶୁଖିଲା କାଠଗଣ୍ଡି ଭର୍ତ୍ତି କରାଯାଇ ନିଆଁ ଜଳା ହେଲା । ଗୋଟିଏ ମସ୍ତବଡ଼ ହାଣ୍ଡିରେ ଗୋବରପାଣି ଭର୍ତ୍ତିକରି ଚୁଲିରେ ବସାଇ ଦିଆଗଲା । ଗୋବରପାଣି ଟକ ଟକ ହୋଇ ଫୁଟିବାକୁ ଆରମ୍ଭ କଲା । ପାଣି ଉତୁରି ପଡ଼ୁଥାଏ । ସେଇ ପାଣିହାଣ୍ଡିରେ ଖୁଡ଼ୁତାଙ୍କୁ ହାତ ପୂରାଇବାକୁ ହେବ ବାହୁମୂଳ ପର୍ଯ୍ୟନ୍ତ । ଯଦି ତାଙ୍କର କିଛି ନହୁଏ ତେବେ ସେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇ ଖଲାସ ହେବେ । ଯଦି ହାତରେ ଘା' କିମ୍ବା ଫୋଟକା ହୁଏ ତେବେ ସେ ଦୋଷୀ ସାବ୍ୟସ୍ତ ହୋଇ କଠିନ ଦଣ୍ଡନୀୟ ହେବେ ।

ତାହାହିଁ କରାଗଲା । ଖୁଡ଼ତା ତାର ହାତ ଦୁଇଟିକୁ ଫୁଟନ୍ତା ପାଣିରେ ବୁଡ଼ାଇ ଦେଲା । ହାତ ବାହାରିଲା ମାତ୍ରକେ ସେ ଦୋଷୀ ବୋଲି ଧରା ହେଲା । ବୈକୁଣ୍ଠର ବାପକୁ ପ୍ରକୃତରେ ସେ

## ବେହେରା—ଭୂୟାଁ ସମାଜରେ ପାଙ୍ଗଣ ବିଶ୍ୱାସର ଗୋଟିଏ ଉଦାହରଣ

ପାଙ୍ଗଣ କରି ମାରିଛି । ବିଚାରରେ ଠିକ୍ ହେଲା ତାକୁ ସେ ଗାଁ ଛାଡ଼ି ଚାଲିଯିବାକୁ ହେବ । ହାତ ଦୁଇଟି ତାର ଅଚଳ ହୋଇଗଲା । ପିଠି ଚମଡ଼ା ବାହାରିଗଲା । ଘା' ହୋଇଗଲା ।

ଇତି ମଧ୍ୟରେ ଅନେକ ଦିନ ଗଡ଼ିଯାଇଛି । ପୋଲିସ ସବ୍ ଇନ୍ସପେକ୍ଟର ଇନ୍କ୍ୱାରି କରି ଯାଇଛନ୍ତି । ବୈକୁଣ୍ଠ ସ୍କୁଲରେ ଆସି ଯୋଗ ଦେଇଛି । ମକଦ୍ଦମା ଆରମ୍ଭ ହୋଇଛି । ଆଜି ତା ପାଖକୁ ନୋଟିସ୍ ଆସିଛି । ସେ ଯିବ କଚେରୀକୁ ।

ସମୁଦାୟ କଥାଟି ଶୁଣି ତାଟଙ୍ଗା ହୋଇଗଲି । ଏଥିରୁ ଜାଣିପାରିଲି ପାଙ୍ଗଣ ପ୍ରଭୃତିରେ ଭୂୟାଁ ଗୋଷ୍ଠୀର ଲୋକମାନେ କିପରି ବିଶ୍ୱାସ କରନ୍ତି ଓ ସେମାନଙ୍କର କିପରି ସତମିଛ ବିଚାର କରାଯାଇ ଦଣ୍ଡ ଦିଆଯାଏ ।

# ଗାଦବାର ସଂସ୍କୃତି

ବୈକୁଣ୍ଠ ନାଥ ପାଣି

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ କୋରାପୁଟ ଜିଲ୍ଲାର ନନ୍ଦପୁର ଅଞ୍ଚଳରେ ବାସ କରୁଥିବା ଗାଦବାମାନେ ଏକ ପ୍ରଧାନ ଗୋଷ୍ଠୀ ଅଟନ୍ତି । ଗାଦବା ଗୋଷ୍ଠୀ ମଧ୍ୟରେ ପ୍ରଧାନତଃ ପାଞ୍ଚ-ଗୋଟି ଗୋତ୍ର ଦେଖାଯାଏ । ଯଥା:—କୋରା (ସୂର୍ଯ୍ୟ), ନାଗ୍ (ନାଗସାପ), ବାଘ୍ (ବାଘ), କିରା (ଶୁଆ) ଏବଂ ଗୋଲରି (ମାଙ୍କଡ଼) । ନିଜର ଗୋତ୍ର ଚିହ୍ନିତ ପଶୁ ପକ୍ଷୀମାନଙ୍କୁ ଏମାନେ କୌଣସି ମତେ ମାରନ୍ତି ନାହିଁ କିମ୍ବା ନିଜ ନିଜର ଗୋତ୍ର ମଧ୍ୟରେ ବାହାଘର କଦାପି କରନ୍ତି ନାହିଁ । କୃଷି ଏମାନଙ୍କର ପ୍ରଧାନ ଜୀବିକା ହେଲେ ମଧ୍ୟ କୃଷୋପଯୋଗୀ ଜମିର ଅଭାବ ହେତୁ ଏବଂ ପାହାଡ଼ ପର୍ବତର ଗଡ଼ାଣିଆ ଯାଗାରେ ଅକ୍ଳେଶରେ ଡଙ୍ଗର କୃଷି ହୋଇ ପାରୁଥିବାରୁ ଏମାନେ ଅଧିକ ପରିମାଣରେ ଡଙ୍ଗର ଫସଲ ଯଥା:—ସୁଆଁ, ମାଣ୍ଡିଆ, ଅଳସି, କାଙ୍ଗୁ ପ୍ରଭୃତି କୃଷି କରନ୍ତି । ଏମାନେ ପ୍ରଧାନତଃ ତୃଣ-ଭୋଜୀ ହୋଇଥିଲେ ମଧ୍ୟ ପଶୁ-ପକ୍ଷୀଙ୍କ ମାଂସ ଖାଆନ୍ତି । ବୈଜ୍ଞାନିକ ପ୍ରଣାଳୀରେ କୃଷି ପଦ୍ଧତି ଏମାନଙ୍କୁ ଅଜଣା-ଅଶୁଣା ହୋଇଥିଲେ ହେଁ, ପଲ୍ଲୀ-ଉନ୍ନୟନ ଯୋଜନାର ପ୍ରଭାବ ଫଳରେ ଏମାନେ କ୍ରମେ କ୍ରମେ ଜାପାନୀ ପ୍ରଣାଳୀରେ ଧାନ-କୃଷି, ବିଭିନ୍ନ ସବୁଜ ସାର ଏବଂ ରାସାୟନିକ ସାରର ବ୍ୟବହାର ଶିଖିଲେଣି ।

ଗାଦବା ମାନଙ୍କର ସରଳ ତଥା ନିରାଡ଼ମ୍ବର ପୋଷାକ-ପରିଚ୍ଛଦ ବିଷୟରେ ଗୋଟିଏ ଗାଉଁଲି ଗପ ଶୁଣାଯାଏ । ଗଳ୍ପଟି ଏହି—"ରାଜା ଦଶରଥଙ୍କ ପୁଅ ରାମଚନ୍ଦ୍ରଙ୍କର ବାରମ୍ବାର ବାରଣ ସତ୍ତ୍ୱେ ସୀତା ଏବଂ ଭାଇ ଲକ୍ଷ୍ମଣ ତାଙ୍କ ସଙ୍ଗରେ ବନବାସ ଆସି ଗଛର ବଲ୍କଳ ପିନ୍ଧି ଯେତେବେଳେ ଦଣ୍ଡକାରଣ୍ୟରେ ଭ୍ରମଣ କରୁଥିଲେ, ସେତେବେଳେ ସେମାନେ କେତେକ ଗାଦବା-ସ୍ତ୍ରୀ ଲୋକଙ୍କ ସଙ୍ଗେ ସାକ୍ଷାତ କରିଥିଲେ । ସୀତା ଠାକୁରାଣୀଙ୍କର ଆଣ୍ଠୁ ପର୍ଯ୍ୟନ୍ତ ବଲ୍କଲ-ବାସ ଦେଖି ଏମାନେ ହସିବାରୁ ସୀତା, ସେମାନଙ୍କୁ ଅଭିଶାପ ଦେଲେ ଯେ ଗାଦବା-ସ୍ତ୍ରୀ ଲୋକମାନେ ଏଣିକି ଗଛର-ବଲ୍‌କଲ ଆଣ୍ଠୁ ପର୍ଯ୍ୟନ୍ତ ପିନ୍ଧିବେ । ଏହି ବଲ୍‌କଲ ବାସ ବ୍ୟତୀତ ଅନ୍ୟ କୌଣସି ବସନ ଏମାନେ ପିନ୍ଧିବେ ନାହିଁ ।" ସେହିଦିନଠାରୁ ଅଭିଶାପ-ଗ୍ରସ୍ତ ହୋଇ ଗାଦବା ସ୍ତ୍ରୀ ଲୋକମାନେ ଗଛର ବଲ୍‌କଲ ପିନ୍ଧୁଛନ୍ତି । "କେରଙ୍ଗ" ବୋଲି ଗୋଟିଏ ଗଛ ଅଛି; ବହୁ ପରିଶ୍ରମ କରି ଏହି ଗଛରୁ ପଟି ବାହାର କରି, ବିଭିନ୍ନ ରଙ୍ଗରେ ରଞ୍ଜିତ କରି, ଗାଦବା ସ୍ତ୍ରୀ ଲୋକମାନେ ସେମାନଙ୍କର

ପିନ୍ଧିବା ଲୁଗା ବୁଣନ୍ତି । ନିଜର ବ୍ୟବହାର ସକାଶେ ଲୁଗା ବୁଣି ଜାଣି ନ ଥିବା ଗାଦବା ସ୍ତ୍ରୀ ଲୋକର ବିବାହ ପ୍ରସ୍ତାବ ବେଳେ ବଡ଼ ଅସୁବିଧା ହୁଏ । କିନ୍ତୁ ପୁରୁଷମାନଙ୍କ ପାଇଁ ଏପରି ଅଭିଶାପ ନାହିଁ । ସେମାନେ ସରସ, ସୁନ୍ଦର ଏବଂ ହାତବୁଣା ଲୁଗା ପ୍ରାୟ ପିନ୍ଧିଥାନ୍ତି । ଗାଦବା ସ୍ତ୍ରୀ-ଲୋକମାନଙ୍କର ଅଳଙ୍କାର ମଧ୍ୟ ଅନ୍ୟାନ୍ୟ ସ୍ତ୍ରୀ ଲୋକଙ୍କଠାରୁ ପୃଥକ୍ । ସାଧାରଣତଃ ପିତ୍ତଳ ଏବଂ କାଚମାଳି ଏମାନେ ବ୍ୟବହାର କରିଥାନ୍ତି । କାନରେ ଲଗାଉଥିବା ଅଳଙ୍କାର ଖୁବ୍ ସାଧାସିଧା । ଗୋଟିଏ ପିତ୍ତଳ ତାର ଗୋଲ ହୋଇ କାନରେ ଝୁଲି, କାନ୍ଧକୁ ଛୁଉଁଥାଏ । ବେକର ବିଭିନ୍ନ ରଙ୍ଗର କାଚମାଳିରେ ଅଧୁଲି, ସୁଉକି, ଟଙ୍କା ପଦକପରି ଯୋଡ଼ା ହୋଇଥାଏ ।

ଗାଦବା ସମାଜରେ ସାଧାରଣତଃ ବଡ଼କନ୍ୟା ବିବାହ ପ୍ରଚଳିତ । ପୁଅ, ବିବାହ ବୟସରେ ପାଦ ପକାଇଲେ, ମୁରବୀମାନେ ଅନ୍ୟ ଗ୍ରାମର ଉପଯୁକ୍ତ ପାତ୍ରୀଘରକୁ ଯାଇ ପ୍ରସ୍ତାବ ପକାନ୍ତି ଓ କହନ୍ତି "ଆମେ ଗୋଟିଏ କନ୍ୟା ମାଗିବାକୁ ଆସିଲୁ ।" କନ୍ୟା ଘରର ପିତାମାତା ରାଜି ହୋଇଗଲେ ତାଙ୍କ ଘରେ ଭାତ, ପେଜ, ପେଣ୍ଡମ ପ୍ରଭୃତି ଖାଇ ଫେରନ୍ତି । ଗ୍ରାମର ଦିଶାରି ବିବାହର ଦିନ ସ୍ଥିର କରେ । ବେଦୀ ଉପରେ ଦିଶାରି ଦ୍ୱାରା ବର କନ୍ୟାଙ୍କର ହାତଗଣ୍ଠି ପଡେ । ଘରଜ୍ୱାଇଁ ଏବଂ ଛାଡ଼ପତ୍ର ପ୍ରଥା ମଧ୍ୟ ଏମାନଙ୍କ ଭିତରେ ପ୍ରଚଳିତ ଅଛି । ଛାଡ଼ପତ୍ର ସମୟରେ ସ୍ୱାମୀକୁ ୫ ୬୯ ଦେବାକୁ ପଡ଼ିଥାଏ । ପୁନର୍ବିବାହ ମଧ୍ୟ ଗାଦବା ସମାଜରେ ପ୍ରଚଳିତ ।

ଗ୍ରାମର ମୁଖ୍ୟବ୍ୟକ୍ତିଙ୍କୁ "ନାୟକ" କୁହାଯାଏ । ନାୟକଙ୍କ ତଳେ 'କିରସାନି', 'ଦିଶାରି' ପ୍ରଭୃତି ଥାଆନ୍ତି । ଗାଁର ଭଲମନ୍ଦରେ ଗ୍ରାମର 'ସଦର' ଯାଗାରେ ଏମାନେ ବିଚାର କରନ୍ତି । ଗାଦବା-ମାନେ ଗଙ୍ଗାଦେବୀ, ଈଶ୍ୱର, ଭୈରବ, ମହାପ୍ରଭୁ, ଠାକୁରାଣୀ, ଝାଙ୍କର ପ୍ରଭୃତି ଦେବତାମାନଙ୍କୁ ପୂଜା କରନ୍ତି । ବସୁଧାମାତାକୁ ଏମାନେ "ଝାଙ୍କର" ବୋଲି କହନ୍ତି । ଏମାନେ ଦେବତାମାନଙ୍କ ପୂଜାସକାଶେ ନିର୍ଦ୍ଦିଷ୍ଟ ଦେଉଳ ନ ରଖିଥିଲେ ମଧ୍ୟ, ଗାଁ ମୁଣ୍ଡରେ ଶାଳଗଛ-ବେଷ୍ଟିତ ଏବଂ ପଥର ଦ୍ୱାରା ଗୋଲାକାର ବିଶିଷ୍ଟ ଗୋଟିଏ ସ୍ଥାନ ଦେବତାଙ୍କର ପୂଜା ସକାଶେ ରଖିଥାନ୍ତି । ବହୁ ପୁରାତନ କାଳରୁ ଏମାନଙ୍କର ପୂର୍ବପୁରୁଷଙ୍କ ଦ୍ୱାରା ସ୍ଥାପିତ ପଥର ଦେବତାକୁ ବିଭିନ୍ନ ଗ୍ରାମରେ ବିଭିନ୍ନ ନାମ ଦିଆ ଯାଇଥାଏ । ଦେବତାମାନଙ୍କର ପୂଜାବେଳେ ବହୁ ପରିମାଣରେ ଛେଳି, କୁକୁଡ଼ା, ଗୋରୁ, ମଇଁଷି ପ୍ରଭୃତି ବଳି ଦିଆଯାଏ ।

ଅନ୍ୟାନ୍ୟ ସମାଜ ପରି ଗାଦବା ସମାଜରେ ମଧ୍ୟ କେତେଗୁଡ଼ିଏ ଅନ୍ଧ ବିଶ୍ୱାସ ଦେଖିବାକୁ ମିଳେ । କୌଣସି ସମୟରେ ଯଦି କୌଣସି ଦେବତା କାହା ଦେହରେ ପ୍ରବେଶ କଲାପରି ଜଣା-ପଡ଼େ, ତେବେ ସେହି ଲୋକକୁ ଦେବତା ଛାଡ଼ିବା ପର୍ଯ୍ୟନ୍ତ ସମସ୍ତେ ଗାଳି ଏବଂ ମାଡ଼ ଦିଅନ୍ତି ।

ଗୋରୁ ଗାଈ ମଡ଼କ ହେଲେ, ବଣ ମଇଁଷିର ଶିଂଘଟିଏ ମାଟି ଭିତରେ ପୋତି ପକାନ୍ତି । ସେମାନଙ୍କର ବିଶ୍ୱାସ, ଏପରି କଲେ ଶୀଘ୍ର ମଡ଼କ ବନ୍ଦ ହୋଇଯିବ ।

ଜଣେ ଲୋକ ବହୁତ ଦିନ ବେମାରରେ ପଡ଼ିଲେ ସେ ବେମାରରୁ ଉଦ୍ଧାର ହେବା ସକାଶେ 'ହାଠ ବନ୍ଧ' କରାଯାଏ । ଗାଁର ଦୂରବର୍ତ୍ତୀ ଦୋମୁହାଣୀ ଛକରେ ଗୋଟିଏ ଗ୍ରାମୁଣ୍ଡିଆ ଦୁଆର କରାଯାଇ

ଏହି ପୂଜା ଆରମ୍ଭ କରାଯାଏ । ଗୋଟିଏ କଣ୍ଟାଦୋଳୀ ଉପରେ ଦିଶାରି ଝୁଲି ଝୁଲି ମନ୍ତ୍ର ଉଚ୍ଚାରଣ କରେ । ଗଣ୍ଡଆ କୁକୁଡ଼ା ବା ଓଲଟାପର କୁକୁଡ଼ା ଏବଂ ପାଣିକଖାରୁ ବଳି ଦିଆଯାଏ ।

ଗାଁରେ ହଇଜା, ବସନ୍ତ ପ୍ରଭୃତି ଦେଖାଦେଲେ, ଛୋଟ ଛୋଟ ଚକ ଲଗିଥିବା ଗୋଟିଏ ସାନ ଶଗଡ଼ ପ୍ରସ୍ତୁତ କରାଯାଏ । ଶଗଡ଼ ଉପରେ ଗୋଟିଏ ମାଟି-ଠାକୁରାଣୀ ବସାଯାଇ ଗୋଟିଏ ଧଳା ପତାକା ଉପରେ ଉଡ଼େଇ ଦିଆଯାଏ । ଏହି ଶଗଡ଼କୁ ସମସ୍ତେ ଟାଣି ଟାଣି ଗାଁ ସେ ମୁଣ୍ଡରେ ପୂଜା, ଭୋଗ ପ୍ରଭୃତି ଦେଇ ଛାଡ଼ି ଦେଇ ଆସନ୍ତି । ଏପରି କରିବା ଦ୍ୱାରା ଠାକୁରାଣୀ ନିଜ ଦେଉଳକୁ ଫେରିଯିବେ ବୋଲି ସେମାନଙ୍କର ବିଶ୍ୱାସ ।

ଅନ୍ୟାନ୍ୟ ଆଦିବାସୀ ଲୋକଙ୍କପରି ଗାଦବାମାନେ ମଧ୍ୟ ସେମାନଙ୍କର ପିଲା ଛୁଆଙ୍କର ନାମ ସପ୍ତାହର ବାରମାନଙ୍କର ନାମରେ ମଙ୍ଗଳୁ, ବୁଧୁ, ଗୁରୁବାରି ଇତ୍ୟାଦି ଦେଇଥାନ୍ତି ।

ସାଧାରଣତଃ ପୁରୁଷଲୋକ ମରଗଲେ ପୋଡ଼ାହୁଏ । ସ୍ତ୍ରୀ ଲୋକ ଏବଂ ପିଲାମାନେ ମରଗଲେ ପୋତି ଦିଅନ୍ତି । ଶବ ସାଙ୍ଗରେ ପୁରୁଷ ଏବଂ ସ୍ତ୍ରୀ ଲୋକ ଉଭୟେ ଯାଆନ୍ତି । ୩ ଦିନ ଅଶୁଆଁ ଦିବସ ପାଳନ କରାଯାଏ । ଶବର ପାଉଁଶ ଉପରେ ପଥର ଥୁଆଯାଇ "ସ୍ମୃତିସ୍ତମ୍ଭ" ରଖାଯାଏ । ୨୦ କିମ୍ବା ୨୫ ବର୍ଷରେ ଥରେ ଗ୍ରାମର ସମସ୍ତ ମୃତ ବ୍ୟକ୍ତିମାନଙ୍କ ସକାଶେ "ଗୋଟର" ବୋଲି ଗୋଟିଏ ପର୍ବ ପାଳନ କରାଯାଏ । ଏହି ପର୍ବ ପୌଷମାସର ଗୋଟିଏ ଶୁକ୍ରବାର ଦିନରେହିଁ କରାଯାଏ । ଗାଁର ଦିଶାରି ଗଣନା କରିପୌଷମାସର ଶୁକ୍ରବାରଟିଏ ସ୍ଥିର କରେ । ପ୍ରତ୍ୟେକ ମୃତ ବ୍ୟକ୍ତିମାନଙ୍କ ପାଇଁ ଗୋଟିଏ କରି "ପୋଡ଼" ବଳି ପଡ଼ିବାର ବିଧି । କିନ୍ତୁ ବର୍ତ୍ତମାନେ ସ୍ୱତନ୍ତ୍ର ଦିଦ୍ୟାତ ପରି ଗାଦବାମାନଙ୍କର ଆର୍ଥିକ ଅବସ୍ଥା ଦୃଷ୍ଟିରୁ ଏବଂ ପୋଡ଼ଗୁଡ଼ିକର ଦୁର୍ମୂଲ୍ୟ ହେତୁ ଛେଳି, କୁକୁଡ଼ା ମଧ୍ୟ ବଳି ଦିଆଯାଏ । ଯେଉଁ ପୋଡ଼ଟି ପ୍ରଥମେ ବଳି ପଡ଼ିବ, ତାକୁ ଭାତ, ପେଜ, ପେଣ୍ଡମ ସଙ୍ଗରେ ଟଙ୍କା ମଧ୍ୟ ଖୋଇ ଦିଆଯାଇଥାଏ । ପୂଜା ପୂର୍ବରୁ ପ୍ରତ୍ୟେକ ବଳି, ଭାତ, ପେଜ, ପେଣ୍ଡମ୍ ଖାଇଥାନ୍ତି । ପରବ ପୂର୍ବଦିନ ଗାଦବାମାନଙ୍କର ବନ୍ଧୁବାନ୍ଧବମାନେ ହଣାଯିବା ବଳିକୁ ଉପର ବର୍ଣ୍ଣିତ ଜିନିଷଗୁଡ଼ିକୁ "ପିଣ୍ଡ" ପରି କରି ଖୋଇଦିଅନ୍ତି । ଦିଶାରିରର ଧାରୁଆ କୁରାଢ଼ିଦ୍ୱାରା ଏ ସବୁ ବଳି ପଡ଼ନ୍ତି । ପ୍ରଥମେ ଦିଶାରି ଚୋଟେ ପକାଇ ସାରିଲେ ଅନ୍ୟାନ୍ୟ ଗାଦବାମାନେ ଦୌଡ଼ି ଦୌଡ଼ି ପୋଡ଼ ଗୁଡ଼ିକୁ ହାଣନ୍ତି । କଥିତ ଅଛି, "ପ୍ରଥମ ପୋଡ଼ଠାରୁ ଟଙ୍କା ପାଇଲା ଲୋକ ଭାଗ୍ୟବାନ୍ ହୁଏ" । ଗୋଟିଏ ସପ୍ତାହ ବ୍ୟାପୀ ଏହି ପରବ ଭୋଜିଭାତ, ନାଚ ପ୍ରଭୃତି ବିରାଟ ଆଡ଼ମ୍ବରରେ ପାଳନ କରାଯାଏ ।

ଗାଦବାମାନଙ୍କର ଢେମଶା ନାଚର ପ୍ରସିଦ୍ଧି ଓଡ଼ିଶାର ଚାରିଆଡ଼େ ପ୍ରସାରିତ ହୋଇଛି ।

ଚୈତ୍ରମାସରେ "ଚଇତି ପରବ" ଗୋଟିଏ ମାସ ବ୍ୟାପୀ ପାଳନ କରାଯାଏ । ଏହି ପରବ ସକାଶେ ସ୍ୱତନ୍ତ୍ର ଗୀତ ସବୁ ରହିଛି । ପର୍ବର ଶେଷ ଆଡ଼କୁ ଗ୍ରାମର ସମସ୍ତ ପୁରୁଷ ଲୋକମାନେ ନିକଟତମ ଜଙ୍ଗଲକୁ "ବେଣ୍ଟ" ବା ଶିକାର କରିବାକୁ ଯାଆନ୍ତି । ଦୁର୍ଭାଗ୍ୟବଶତଃ ସେମାନେ ଯଦି ଜଙ୍ଗଲରୁ କୌଣସି ଶିକାର ନ ଆଣନ୍ତି ତେବେ ଗ୍ରାମର ସ୍ତ୍ରୀଲୋକମାନେ ସେମାନଙ୍କ ଉପରକୁ

ଗୋବର ପାଣି ସିଂଚନ୍ତି । ନଚେତ୍, ଆଣିଥିବା ଶିକାରକୁ ମହା ଆନନ୍ଦରେ ପରସ୍ପରଙ୍କ ମଧ୍ୟରେ ବାଣ୍ଟି ଭୋଜିକରି ଖାଆନ୍ତି ।

ଉପରବର୍ଣ୍ଣିତ ପର୍ବ ବ୍ୟତୀତ ଅନେକଗୁଡ଼ିଏ ପର୍ବ, ଗାଦବାମାନେ ପାଳନ କରନ୍ତି । ଭୋଜିଭାତ, ନାଚ ପେଣ୍ଡ୍ରମଖିଆ ଏବଂ ବଳିଦାନ ପ୍ରତ୍ୟେକ ପର୍ବରେ ମାଧ୍ୟମସ୍ୱରୂପ ବ୍ୟବହାର କରାଯାଏ । ବିଭିନ୍ନ ପର୍ବଗୁଡ଼ିକରେ ବୋଲା ଯାଉଥିବା ଗୀତଗୁଡ଼ିକୁ ଓଡ଼ିଶା ସରକାରଙ୍କର ସାମାଜିକ ଶିକ୍ଷା ବିଭାଗରୁ ପ୍ରକାଶିତ "କନ୍ଧ ପରଜା ସ୍ତୋତ୍ର ଓ ସଂଗୀତ" ବହିରେ ପ୍ରଚାର କରାଯାଇଛି ।

ସମୟର ଗତି ସଙ୍ଗେ ସଙ୍ଗେ ଗାଦବାମାନଙ୍କର ସଂସ୍କୃତିର ପରିବର୍ତ୍ତନ ଯେ ନ ହେଉଛି, ଏହା କୁହାଯାଇ ନ ପାରେ । ତେବେ ଆଦିବାସୀ-ସଂସ୍କୃତିର ମୂଳଦୁଆ ଏପରି ଦୃଢ଼ ଯେ ଆଧୁନିକ ବିଜ୍ଞାନ ଏହାର ନିଜତ୍ୱ ବଦଳାଇ ପାରିବା ଏତେ ସହଜ ନୁହେଁ । ଏଣୁ ସରଳ ଆଦିବାସୀ ଲୋକଙ୍କୁ ଅସଭ୍ୟ ବୋଲି ମନେ ନ କରି ସେମାନଙ୍କର ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରିବା ଉଚିତ । ମୁକ୍ତ ଭାରତର ଗଣତନ୍ତ୍ର-ସମ୍ବିଧାନ ଏହାହିଁ ଚାହେଁ ।

# କନ୍ଧଙ୍କ ଖାଦ୍ୟ

ଭଗବାନ କର

ଓଡ଼ିଶାର ବିଭିନ୍ନ ଆଦିମ ଅଧିବାସୀମାନଙ୍କ ମଧ୍ୟରେ 'କନ୍ଧ' ଅନ୍ୟତମ। ଏମାନେ କୋହ୍ଲ, ବଣ୍ଡାମାନଙ୍କ ପରି ଜଙ୍ଗଲ ଓ ପାହାଡ଼ ଅଞ୍ଚଳରେ ବାସ କରନ୍ତି। କନ୍ଧମାନେ ଆଜିକାଲି ମଧ୍ୟ ସେମାନଙ୍କ ପୂର୍ବପୁରୁଷମାନଙ୍କ ପରି ପୂରାପୂରି ପ୍ରକୃତି ଉପରେ ନିର୍ଭର କରି ସେମାନଙ୍କର ଜୀବନଯାତ୍ରା ନିର୍ବାହ କରୁଛନ୍ତି। ଆଜି ମଧ୍ୟ ସେମାନଙ୍କର ଖାଦ୍ୟପେୟ ବା ରନ୍ଧନ ପ୍ରଣାଳୀରେ କୌଣସି ପରିବର୍ତ୍ତନ ହୋଇନାହିଁ।

ଆମ୍ଭେମାନେ ଯେପରି ଭାତ ଖାଉ, କନ୍ଧମାନେ ସେପରି ଭାତ ଖାଆନ୍ତି। କିନ୍ତୁ ଆମ୍ଭମାନଙ୍କ ଭଳି ବର୍ଷ ତମାମ ଏମାନଙ୍କ ଭାଗ୍ୟରେ ଭାତ ଜୁଟେନା। ବର୍ଷକରେ ଅତିବଡ଼ ହେଲେ ଏମାନେ ୨, ୩ ମାସ ଭାତ ଖାଆନ୍ତି। ଏମାନେ ଆଉ ଏକପ୍ରକାର ଭାତ ପ୍ରସ୍ତୁତ କରନ୍ତି। ମକାକୁ ସିଝାଇ ମକାଭାତ କରନ୍ତି। ବର୍ଷା ସମୟରେ ଏମାନଙ୍କର ଖାଦ୍ୟ ଭିନ୍ନ ରକମର। ଖରାଦିନେ ଏମାନେ ଆମ୍ବଟାକୁଆ ସଂଗ୍ରହକରି ରଖିଥାନ୍ତି। ବର୍ଷାହେଲେ ଆମ୍ବଟାକୁଆକୁ ଛଡ଼ାଇ କୋଇଲି ବାହାର କରନ୍ତି, କୋଇଲିକୁ ନେଇ ନଦୀର ଅଳ୍ପ ସ୍ରୋତଜଳରେ ଧୋଇ ଆଣନ୍ତି। ତତ୍ପରେ ଢିଙ୍କିରେ କୁଟି ତାକୁ ଗୁଣ୍ଡ କରନ୍ତି। ଗୁଣ୍ଡପରେ ପୁନର୍ବାର ତାକୁ ଧୋଇ ଶୁଖାନ୍ତି। ଏହାକୁ ଚୂନା କୁହାଯାଏ। ଏହି ଚୂନାକୁ ଅଳ୍ପ ଗୁଡ଼ଜଳରେ ମିଶାଇ ଗୁଡ଼ ମିଶାଇ ଜାଉ ପ୍ରସ୍ତୁତ କରନ୍ତି। ଏହାକୁ ଟାହିଯାଉ (ଟାକୁଜାଉ) କୁହାଯାଏ। ଶୀତର ଆରମ୍ଭରେ ଏମାନେ ମାଣ୍ଡିଆକୁ ଜାଉ କରନ୍ତି। ଶରତ ଓ ହେମନ୍ତ ଋତୁରେ ଏମାନେ କୁଏରି ବା ଶୁଆଁକୁ ଜାଉକରି ଖାଆନ୍ତି। ଆମ୍ବଟାକୁଆକୁ ସାଇତି ରଖିଲାଭଳି ଏମାନେ ଶୁଆଁ (Suan. ବା କୁଏରି ଫସଲ କରି ଭବିଷ୍ୟତ ପାଇଁ ସାଇତି ରଖିଥାନ୍ତି। ଏଥିରୁ ଜଣାଯାଏ ଏମାନେ ଶ୍ୱେତସାର ଜାତୀୟ ଖାଦ୍ୟ ବର୍ଷ ତମାମ ବେଶି ବ୍ୟବହାର କରନ୍ତି। ଏମାନେ ଆମ୍ଭମାନଙ୍କପରି ଡାଲି ବର୍ଷସାରା ପାଆନ୍ତିନାହିଁ। ବର୍ଷର ଅଳ୍ପ କେତେମାସ ଏମାନେ ପୋଡ଼ୁଚୁଷ କରି ରଖିଥିବା କାନ୍ଦୁଲକୁ ଡାଲିକରି ଖାଆନ୍ତି। ଏମାନଙ୍କର ବାଡ଼ିରେ ପିଜୁଳି, ଅମୃତଭଣ୍ଡା ଓ କାଁ ଭାଁ କଦଳୀ ଗଛ ଦେଖିବାକୁ ମିଳେ। ଏମାନେ ସାମୟିକ ତରକାରି ଖାଆନ୍ତି। ଜଙ୍ଗଲ ମଧ୍ୟରୁ ଟେଙ୍ଗା, କରବା, ପିଚୁଳି, କନ୍ଦା ଓ ନାନାପ୍ରକାର ଶାଗ ସଂଗ୍ରହ କରନ୍ତି। ଭାତ ସାଙ୍ଗକୁ ଏମାନଙ୍କର ପ୍ରଧାନ ହେଉଛି ଶାଗ। ବରଡ଼ା ଶାଗ ଏମାନଙ୍କର ଅତି

ପ୍ରିୟ ତରକାରୀ ଅଟେ । ଆମ୍ଭେମାନେ ଯେପରି ତରକାରୀରେ ହଳଦୀ, ଜୀରା, ଧନିଆ, ତେଲ ଦେଉ ଏମାନେ ସେପରି ରାନ୍ଧନ୍ତି ନାହିଁ । ତେଲ ଏମାନେ କିଣନ୍ତି ନାହିଁ । ମହୁଲ ଗଛର ଟୋଲ (ଫଳ)ରୁ ତେଲ ବାହାର କରି ତାକୁହିଁ ବ୍ୟବହାର କରନ୍ତି । ଶାଗ ବା ତରକାରୀକୁ ଏମାନେ ସିଝାଇଲାପରେ ଲୁଣ ଦେଇ ଓହ୍ଲାନ୍ତି । ଏଥିରେ ମସଲା ବା ଫୁଟଣା ଦିଆଯାଏନା । ଶାଗରୁ ଏମାନେ ପ୍ରୋଟିନ୍ ଜାତୀୟ ଖାଦ୍ୟ ଓ ଭିଟାମିନ୍ ବା ଖାଦ୍ୟପ୍ରାଣ 'କ' ପାଆନ୍ତି । ଏମାନେ ଜଙ୍ଗଲରୁ ନାନା ପ୍ରକାର ଫଳ ଯଥା କଇଁଠ, ବେଲ ଓ ବାଉଁଶ କରଡ଼ୀ ଓ ବିଭିନ୍ନ ପ୍ରକାରର କୋଳି ସଂଗ୍ରହ କରିଥାନ୍ତି । ଯେଉଁଥିରେ କି ଖାଦ୍ୟପ୍ରାଣ ଗ (ସି) ଥାଏ । ଝରଣାରୁ ଏମାନେ ବର୍ଷାଦିନେ ଛୋଟ ଛୋଟ ମାଛ ସଂଗ୍ରହ କରନ୍ତି । ମାଛକୁ ଏମାନେ ବେଶି ବେଶିର ସୋରିଷ ଦେଇ ରାନ୍ଧନ୍ତି । ମାଛ ଏମାନଙ୍କୁ ବର୍ଷାଦିନେ ମିଳେ । ଏଥିରୁ ଏମାନେ ପ୍ରୋଟିନ୍ ଜାତୀୟ ଖାଦ୍ୟ ପାଆନ୍ତି । ଏମାନେ ମାଂସ ଆମ୍ଭମାନଙ୍କ ପରି ବ୍ୟବହାର କରନ୍ତି ନାହିଁ । ଏମାନେ କୁକୁଡ଼ା, ଛେଳି, ମେଣ୍ଢା, ଠେକୁଆ, କୁଟୁରା, ହରିଣ ମାଂସ ଖାଆନ୍ତି । ମାଂସକୁ ସିଝାଇ ହଳଦୀ ଦେଇ ରାନ୍ଧନ୍ତି; କିନ୍ତୁ ନାନା ରକମର ଗରମ ମସଲା ଏମାନେ ଏଥିରେ ଦିଅନ୍ତି ନାହିଁ । ଏ ଅଞ୍ଚଳର ଗ୍ରାମମାନଙ୍କରେ ଦେଖାଯାଏ, କନ୍ଧମାନେ ମାଂସକୁ ଟିକି ଟିକି କରି କାଟି ଖରାରେ ଶୁଖାଇ ଭବିଷ୍ୟତ ବ୍ୟବହାର ପାଇଁ ରଖିଥାନ୍ତି । ମାଂସରୁ ସେମାନେ ଫ୍ୟାଟ ବା ଚର୍ବି ଜାତୀୟ ଖାଦ୍ୟ ପାଆନ୍ତି । ଏମାନେ ଖାଦ୍ୟରେ ହଳଦୀ, ସୋରିଷ, ଲୁଣର ବ୍ୟବହାର ଅଧିକ ଭାବରେ କରନ୍ତି । ଏମାନଙ୍କର ଖାଦ୍ୟରେ ଶ୍ୱେତସାର ଜାତୀୟ ଖାଦ୍ୟ ବେଶି ଓ ସବୁଠାରୁ ପ୍ରୋଟିନ୍ ଜାତୀୟ ଖାଦ୍ୟ କମ୍ ଥାଏ । କନ୍ଧମାନେ ଦେଖିବାକୁ ହୃଷ୍ଟପୁଷ୍ଟ ଓ କର୍ମଠ । ଏମାନେ ଦିନସାରା ପର୍ବତ ଉପରେ କାମ କରନ୍ତି । ଗଛମୂଳେ ଏମାନେ ଅଧିକାଂଶ ସମୟରେ ଖାଆନ୍ତି । ଏମାନେ ଅଧିକାଂଶ ସମୟରେ ମଦ ପାନ କରନ୍ତି । ମହୁଲକୁ ସିଝାଇ ମଦ ପ୍ରସ୍ତୁତ କରାଯାଏ । ଏ ଅଞ୍ଚଳରେ ମହୁଲ ଗଛ ଓ ଶଲପ ଗଛ ବେଶି ପରିମାଣରେ ଦେଖାଯାଏ । ଶଲପ ଗଛକୁ କାଟି ତାର ଶସକୁ କାଟି ଶୁଖାଇ ଜାଉ କରନ୍ତି । ଶଲପ ଗଛର ରସ ଏମାନଙ୍କ ପକ୍ଷେ ଆମୋଦଦାୟକ । ଏହା ଖୁବ୍ ମିଠା କିନ୍ତୁ କନ୍ଧମାନେ ଏଥିରେ କେରୁଅ ଗଛର ଚେର ଓ ଛେଲି ମିଶାଇ ମଦ ପ୍ରସ୍ତୁତ କରନ୍ତି । ବର୍ଷର ୨ମାସ ଅର୍ଥାତ୍ ମାଘ ଫାଲଗୁନ ମାସରେ ଏମାନେ ଏ ଗଛର ରସ ବେଶି ପାନ କରନ୍ତି । ଏତଦ୍ ବ୍ୟତୀତ ଏମାନେ ଗାଈକ୍ଷୀର ବା ଅଣ୍ଡା ଖାଆନ୍ତି ନାହିଁ । ଆଗେ ଏମାନେ ବିଶ୍ୱାସ କରୁଥିଲେ କ୍ଷୀରହିଁ ବାଛୁରୀର ଅଇଁଠା ଓ ଅଣ୍ଡାହିଁ ଦେବତା (ପେନୁ)ର ପୂଜାଦ୍ରବ୍ୟ କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଏମାନେ କ୍ଷୀର, ଅଣ୍ଡା ବ୍ୟବହାର କରୁଛନ୍ତି ।

ଏମାନେ ଏମାନଙ୍କର ଖାଦ୍ୟ ପଦାର୍ଥ ହାଣ୍ଡିରେ ରାନ୍ଧନ୍ତି । ବେଳେ ବେଳେ ଶିଆଳି ଗଛର ପତ୍ରରେ ଚୌପଦୀ ପ୍ରସ୍ତୁତକରି ତାର ଗୁରିପଟେ ମାଟି ଦେଇ ସେଥିରେ ରାନ୍ଧନ୍ତି । ଏମାନେ ଏମାନଙ୍କର ରନ୍ଧା ହୋଇଥିବା ଦ୍ରବ୍ୟକୁ ଲାଉ ତୁମ୍ବାରେ ରଖି ଜଙ୍ଗଲକୁ ନିଅନ୍ତି । ଲାଉ ତୁମ୍ବାକୁ କାଟି ଏମାନେ ଛୋଟ ଛୋଟ ଗିନା ପ୍ରସ୍ତୁତ କରନ୍ତି । ଏମାନେ ଅଧିକାଂଶ ସମୟ ଗଛତଳେ ଏକାଠି ବସି ଖାଆନ୍ତି । ସମୟେ ସମୟେ ଏମାନେ ହାତରେ ନ ଖାଇ ଚୌପଦୀରେ ମୁହଁ ଲଗାଇ ଖାଆନ୍ତି । ଏହାହିଁ କନ୍ଧମାନଙ୍କର ଖାଦ୍ୟ ଓ ବାସନ ।

## ଆଦିବାସୀ

କନ୍ଧମାନଙ୍କର କେତେକ ପ୍ରିୟଖାଦ୍ୟ ଓ ବାସନର ନାମ ତଳେ କୁଇ (କନ୍ଧଭାଷାରେ) ଦିଆଗଲା ।

ଓଡ଼ିଆ   କୁଇ
ଭାତ — ପାଲା
ଡାଲି —କୁଣା
ତରକାରି—କୁଣା ବା ବେସର
ମାଂସ—ଉଙ୍ଗା
ମାଛ— ମିନଙ୍ଗା
ମକା—ଜଏଲକା
କାନ୍ଦୁଲ—କାଙ୍ଗା
ଗୁରୁଲ — ପାଙ୍ଗା
ବରଡ଼ା ଶାଗ —କୋପକୁଣା
ପିଠା—ପିଟା
ମଦ —କାଲୁ
ତେଲ— ନଜୁ
କ୍ଷୀର—ପାଡ଼ୁ
ଆମ୍ବଟାକୁଆ—ଟାହି

ଓଡ଼ିଆ   କୁଇ
ମାଣ୍ଡିଆ—ଦେଢ଼
ସୁଆଁ —କୁଏଁର
ବୋଇତାଳୁ—ପୁରୁସି
କଦଳୀ—ପଢ଼
ଲଙ୍କା — ପିରିଙ୍ଗିକାଙ୍ଗା
ବାଇଗଣ—ମେଜେକା
ଝୁଡ଼ଙ୍ଗ—କାଡ଼କାଙ୍ଗା
ଶିମ୍ବ—ସାଇଙ୍ଗା

ବାସନ
ହାଣ୍ଡି — ଟେକି
ଥାଳି—ତାଲେଢ଼ି
ଲାଉତୁମ୍ବା—ଡଣ୍ଡି
ଚୌପଦୀ—କାଲି
କଂସା — ମାଣ୍ଡି

ଏହି ସାଧାସିଧା କନ୍ଧମାନଙ୍କର ଉନ୍ନତି ପାଇଁ ବର୍ତ୍ତମାନ ସରକାର ଯଥେଷ୍ଟ ଅର୍ଥ ବ୍ୟୟ କରୁଛନ୍ତି । ସେମାନଙ୍କର ଆର୍ଥିକ ଅବସ୍ଥାର ପରିବର୍ତ୍ତନ କରି, 'ପୁଷ୍ଟିକର' ଖାଦ୍ୟ ଯୋଗାଇ ଓ ସେମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାରକରି ସେମାନଙ୍କୁ ଅଣଆଦିବାସୀଙ୍କର ସମକକ୍ଷ କରିବା ପାଇଁ ଆଜି ସ୍ୱାଧୀନ ସରକାର ବିଶେଷଭାବେ ଲାଗି ପଡ଼ିଛନ୍ତି ।

---

# ଆଶ୍ରମ ଶିକ୍ଷା

ମଧୁସୂଦନ ମିଶ୍ର

ଆଦିବାସୀମାନଙ୍କ ଶିକ୍ଷା ଓ ନାନାବିଧ ଉନ୍ନତି ପାଇଁ ୰ ପୂଜ୍ୟ ଠକ୍କର ବାପ୍ପା ଆଶ୍ରମ ଶିକ୍ଷା ଓଡ଼ିଶାରେ ଚଳାଇବା ସକାଶେ ସରକାରଙ୍କୁ ପରାମର୍ଶ ଦେଇଥିଲେ । ଏହି ଶିକ୍ଷା ମୌଳିକ ଶିକ୍ଷାର ନାମାନ୍ତର ମାତ୍ର । ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ଭୂତପୂର୍ବ ସେକ୍ରେଟେରୀ ଶ୍ରୀଯୁକ୍ତ ଚନ୍ଦ୍ରାମଣି ମିଶ୍ର ଏହି ଶିକ୍ଷା ପଦ୍ଧତିରେ ଆକୃଷ୍ଟ ହୋଇ ଏହାକୁ କିପରି ସର୍ବାଙ୍ଗ ସୁନ୍ଦର କରିବାକୁ ହେବ ସେଥିପାଇଁ ଆପ୍ରାଣ ଚେଷ୍ଟାକରି ଗୋଟିଏ ରୂପରେଖ ଦେଇଯାଇଥିଲେ । ସେହି ରୂପରେଖ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାପ୍ତ ରହିଛି । ମାଇନର ସ୍କୁଲର ସିଲାବସ ଅନୁସାରେ ପାଠୋନ୍ନତି କରାଯାଉଥିବାରୁ ଛାତ୍ରଛାତ୍ରୀଙ୍କର ଯେତିକି ବିକାଶ ହେବାର କଥା ତାହା ହୋଇପାରୁ ନାହିଁ ।

ଓଡ଼ିଶାରେ ଆଶ୍ରମ ଶିକ୍ଷା ଯେପରି ଚାଲିଛି ତାହା ପୂର୍ବ ଗୁରୁକୁଳ ପରି କହିଲେ ଅତ୍ୟୁକ୍ତି ହେବ ନାହିଁ । ସବୁ ଋତୁରେ ଛାତ୍ରଛାତ୍ରୀ ତଥା ଗୁରୁଜୀମାନେ ଅତି ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରି ସମବେତ ପ୍ରାର୍ଥନାରେ ଯୋଗ ଦିଅନ୍ତି । ଏକକାଳୀନ ସମସ୍ୱରରେ ପ୍ରାର୍ଥନା କରି, ଶେଷରେ କହନ୍ତି—

"ସବୁରି କଲ୍ୟାଣ କରେ କାମନା,
ନିବାର ସବୁରି ରୋଗ ଯାତନା ।
କୁଶଳେ ରହନ୍ତୁ ସକଳେ ଭବେ
ଦୁଃଖ ଭାଗୀ କେହି ନ ହେଉ ଲବେ ।"

ତାପରେ ସମସ୍ତ ଛାତ୍ରଛାତ୍ରୀଙ୍କର ଉପସ୍ଥାନ ନିଆଯାଏ । ରାତି ମଧ୍ୟରେ କାହାର କିଛି ଅସୁବିଧା ହୋଇଥିଲେ ପ୍ରଧାନ ଗୁରୁଜୀ ବୁଝନ୍ତି । ତାପରେ ଅନ୍ତେବାସୀମାନେ ନିଜ ନିଜ କର୍ତ୍ତବ୍ୟ କରିବାକୁ ଚାଲିଯାନ୍ତି ।

ସକାଳ ଘ୭।୧୫ ମିନିଟରୁ ଘ୧୧ଣ୍ଟା ଯାଏ ଏବଂ ଓପରଓଳ ଘ୨।୩୦ମିନିଟରୁ ଘ୪।୪୫ମିନିଟ୍ ପର୍ଯ୍ୟନ୍ତ କ୍ଲାସ ହୁଏ । ସନ୍ଧ୍ୟା ଘ୫ଣ୍ଟାରେ ସମସ୍ତେ ଖେଳିବାକୁ ଯାନ୍ତି । ବୋହୂଚୋରି,

ଡୁଡୁ, ବାଗୁଡ଼ି, ଫୁଟବଲ, ଭଲିବଲ, ଟେନିକଏଟ୍, ବାଡମିଣ୍ଟନ୍, ବାସ୍କେଟବଲ ଏହିପରି ନାନା-ପ୍ରକାର ଦେଶୀ ଓ ବିଦେଶୀ ଖେଳ ଛାତ୍ରଛାତ୍ରୀମାନେ ଖେଳନ୍ତି । ଆଶ୍ରମର କର୍ମକର୍ତ୍ତାମାନେ ମଧ୍ୟ ସେମାନଙ୍କ ସହିତ ଖେଳନ୍ତି ।

ମାଇନର ସ୍କୁଲ ସିଲବସ୍ ଅନୁଯାୟୀ ଶିକ୍ଷା ଦିଆଯିବା ସଙ୍ଗେ ସଙ୍ଗେ କୃଷି, ଗୋପାଳନ, କୁକୁଡ଼ାପାଳନ, ସୂତାକଟା, ଲୁଗାବୁଣା, ସିଲେଇ, ବଢ଼େଇ ଓ କମାର କାମ ଇତ୍ୟାଦି ମଧ୍ୟ ଶିକ୍ଷା ଦିଆଯାଏ । ପ୍ରତିଦିନ ୪ଘଣ୍ଟା ବୁଦ୍ଧିର ବିକାଶ ପାଇଁ ଏବଂ ୩ଘଣ୍ଟା ଶାରୀରିକଶ୍ରମପାଇଁ ସମୟ ଦିଆଯାଇଥାଏ । ଆଶ୍ରମର ଛାତ୍ରଛାତ୍ରୀମାନେ ଓ ଗୁରୁଜୀମାନେ ପ୍ରତ୍ୟେକ କାମ ନିଜ ହାତରେ କରନ୍ତି । ରୋଷେଇ କରିବା, କାଠ ହାଣିବା, ପାଣି ଆଣିବା, ଗୁହାଳ ପୋଛିବା, ଗାଈ ଦୁହିଁବା ଓ ସଫେଇ କରିବା ଇତ୍ୟାଦି ଯାବତୀୟ କାମ ସେମାନେ ଅମ୍ଳାନବଦନରେ କରନ୍ତି ।

ଅନୁଷ୍ଠାନର ସମସ୍ତ କାର୍ଯ୍ୟ ସୁରୁଖୁରୁରେ କରିବା ପାଇଁ ଏବଂ ବୃହତ୍ତମ ଗଣତନ୍ତ୍ର ଦେଶର ଉପଯୁକ୍ତ ନାଗରିକ ରୂପେ ନିଜକୁ ଗଢ଼ିବା ପାଇଁ ଗୁରୁଜୀମାନଙ୍କ ସାହାଯ୍ୟ ଓ ପରାମର୍ଶରେ ପ୍ରତି ମାସରେ ବା ପ୍ରତି ଦୁଇମାସରେ ଥରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଭୋଟ ପ୍ରଥାନୁଯାୟୀ ମନ୍ତ୍ରୀ ବଛାଯାନ୍ତି । ବିଭିନ୍ନ ବିଭାଗ ପାଇଁ ଜଣେ ଜଣେ ମନ୍ତ୍ରୀ ବଛାଯାନ୍ତି । ସବୁ ମନ୍ତ୍ରୀ ମିଳି ସେମାନଙ୍କର ପ୍ରଧାନ ମନ୍ତ୍ରୀ ବାଛନ୍ତି । ଅନୁଷ୍ଠାନର ଯାବତୀୟ କାର୍ଯ୍ୟ ମନ୍ତ୍ରୀମାନଙ୍କ ସାହାଯ୍ୟରେ ଛାତ୍ରଛାତ୍ରୀ-ମାନଙ୍କ ଦ୍ୱାରା କରାଯାଏ । ନୂତନ ମନ୍ତ୍ରୀମଣ୍ଡଳ ଗଠନ ବେଳେ ବିଦାୟ ନେଉଥିବା ମନ୍ତ୍ରୀମାନଙ୍କର କାର୍ଯ୍ୟର ସମାଲୋଚନା କରାଯାଏ ।

ସାଂସ୍କୃତିକ ଉନ୍ନତି ପାଇଁ ମଧ୍ୟ ଆଶ୍ରମ ସ୍କୁଲମାନଙ୍କରେ ଯଥେଷ୍ଟ ଧ୍ୟାନ ଦିଆଯାଏ । ମନୋରଞ୍ଜନ ଓ ତର୍କସଭା ନିୟମିତ ରୂପେ ହୁଏ ।

ଆଶ୍ରମ ସ୍କୁଲର ବାହାରେ ମଧ୍ୟ ଛାତ୍ରଛାତ୍ରୀମାନେ ଓ ଗୁରୁଜୀମାନେ ସମୟେ ସମୟେ କାର୍ଯ୍ୟ କରନ୍ତି । ଗ୍ରାମ ସଫେଇ ଓ ରୋଗୀ ସେବା କରାଯାଏ । ଗ୍ରାମମାନଙ୍କରୁ ରୋଗୀମାନେ ଆସି ବିନା ପଇସାରେ ଆଶ୍ରମରୁ ଔଷଧପତ୍ର ନିଅନ୍ତି ।

ସନ୍ଧ୍ୟା ପୂର୍ବରୁ ଛାତ୍ରଛାତ୍ରୀମାନେ ଖାଇ ନିଅନ୍ତି । ତାପରେ ସମବେତ ପ୍ରାର୍ଥନା ହୁଏ ।

ହେ ପ୍ରଭୁ ନିଅ ମୋତେ
ଅସତ୍ୟରୁ ସତ୍ୟ ପଥେ ।
ତମସାରୁ ଜ୍ୟୋତି ପଥେ
ମୃତ୍ୟୁରୁ ଅମୃତ ପଥେ ।

ପ୍ରାର୍ଥନା ଶେଷରେ:—

ଏହା ସମସ୍ତେ ସମସ୍ୱରରେ ବୋଲି ପ୍ରାର୍ଥନା ସମାପ୍ତ କରନ୍ତି । ତାପରେ ଉପସ୍ଥାନ ନିଆଯାଏ । ଦିନଯାକର କାର୍ଯ୍ୟର ଆଲୋଚନା କରାଯାଏ । ଆଗାମୀ ଦିନ ପାଇଁ କାର୍ଯ୍ୟନିର୍ଘଣ୍ଟ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଏ । ତାପରେ ଛାତ୍ରଛାତ୍ରୀମାନେ ରାତ୍ରି ୯।୩୦ ମିନିଟ୍ ପର୍ଯ୍ୟନ୍ତ ସ୍ୱାଧ୍ୟୟନରେ ରତ ରହନ୍ତି । ତାପରେ ସମସ୍ତେ ଶୁଅନ୍ତି ।

ସବୁ ଜିଲ୍ଲାର ଆଶ୍ରମ ସ୍କୁଲମାନଙ୍କରୁ ଜଣେଲେଖା ପ୍ରଧାନ ଗୁରୁଜୀ ନିର୍ବାଚିତ ହୋଇ ଆଶ୍ରମ ସ୍କୁଲର କାର୍ଯ୍ୟନିର୍ଘଣ୍ଟ (ରୁଟିନ୍) ଗଢ଼ି ତାକୁ ସରକାରଙ୍କର ମଞ୍ଜୁର ପାଇଁ ପଠାଇଥିଲେ । ଉକ୍ତ କାର୍ଯ୍ୟନିର୍ଘଣ୍ଟ ସରକାର ମଞ୍ଜୁର କରି ସବୁ ଅନୁଷ୍ଠାନକୁ ପଠାଇଲେ । ଆଶ୍ରମ ସ୍କୁଲମାନଙ୍କରେ ସେହି କାର୍ଯ୍ୟନିର୍ଘଣ୍ଟ କାର୍ଯ୍ୟକାରୀ ହେଉଛି ।

ଉକ୍ତ କାର୍ଯ୍ୟନିର୍ଘଣ୍ଟରେ ସମସ୍ତ ପ୍ରକାର କାର୍ଯ୍ୟ ଅଛି । ଭୋର ଘ୪ଣ୍ଟାରୁ ରାତ୍ରି ଘ୯।୩୦ ମିନିଟ୍ ପର୍ଯ୍ୟନ୍ତ କିଛିନା କିଛି କାର୍ଯ୍ୟ ହେଉଥାଏ । ଛାତ୍ରଛାତ୍ରୀଗଣ ଓ ଗୁରୁଜୀମାନେ ମିଳିମିଶି ସମସ୍ତ କାର୍ଯ୍ୟ କରନ୍ତି । ତେଣୁ ଗୁରୁଜୀମାନେ ଅନୁଷ୍ଠାନର ହିତ ଦୃଷ୍ଟିରୁ ସବୁବେଳେ କାର୍ଯ୍ୟରତ ଥାନ୍ତି । ମୋଟ ଉପରେ କହିବାକୁ ଗଲେ ରାତିରେ ଯେତିକି ସମୟ ଶୁଅନ୍ତି ସେତିକି ମାତ୍ର ସମସ୍ତ ଗୁରୁଜୀମାନଙ୍କର ବିଶ୍ରାମ । ପୁଣି ଆଶ୍ରମ ସ୍କୁଲଗୁଡ଼ିକ ହିଂସ୍ରଜନ୍ତୁପୂର୍ଣ୍ଣ ନିହାତି ମାଳଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ ନାନାପ୍ରକାର ଦୁଃଖ କଷ୍ଟ ରହିଛି ଓ ରୋଗବ୍ୟାଧି ମଧ୍ୟ ରହିଛି । ତେଣୁ ରାତ୍ରିରେ ନିଶ୍ଚିନ୍ତରେ ମଧ୍ୟ ଶୋଇ ହୁଏ ନାହିଁ ।

ଏବେ ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀମାନେ ଅନ୍ୟାନ୍ୟ ପ୍ରଚଳିତ ମାଇନର ସ୍କୁଲର ଛାତ୍ର-ଛାତ୍ରୀମାନଙ୍କ ସହିତ ମାଧ୍ୟମିକ ଶିକ୍ଷାବୋର୍ଡ ଅଧୀନରେ ପରିଚାଳିତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି । ଫଳ ସନ୍ତୋଷଜନକ ହେଉଛି । ପ୍ରଚଳିତ ଶିକ୍ଷାର ଛାତ୍ରଛାତ୍ରୀମାନେ ଦିନ ରାତି ପାଠ ପଢ଼ି ଏବଂ ଘରୋଇ ଶିକ୍ଷକ ରଖି ଯେଉଁ ଫଳ ପାଉଛନ୍ତି ନିଘୋଡ଼ ବଣ ଜଙ୍ଗଲର ଆଦିବାସୀ ଛାତ୍ରଛାତ୍ରୀମାନେ ପୋଥି ଦାଇଗଣରୁ ବାଡ଼ି ବାଇଗଣ ଫଳେଇ ନିଜେ ଖାଇ ଓ ଅନ୍ୟମାନଙ୍କୁ ଖିଆଇ ଏବଂ ହଜାର ହଜାର ଟଙ୍କା ସରକାରଙ୍କ ରାଜକୋଷକୁ ଦେଇ ମଧ୍ୟ ସେତିକି ବା ତାହା-ଠାରୁ ଭଲଫଳ ପାଉଛନ୍ତି । ଏଥିରେ ମିଥ୍ୟା ବା ଅତିରଞ୍ଜିତ କିଛି ନାହିଁ । ମାଇନର ପରୀକ୍ଷାଫଳ, ଆୟ, ବଗିଚା ଓ ଧନ୍ଦା କାର୍ଯ୍ୟାଳୟ ଦେଖିଲେ ସହଜରେ ବୁଝି ହେବ ।

ଆଶ୍ରମ ଶିକ୍ଷାର ନୂତନତ୍ୱ କିଛି ନାହିଁ । ଏହିପରି ଶିକ୍ଷା ପୂର୍ବେ ଆମ ଦେଶରେ ଚଳୁଥିଲା । ଆମେ ପରାଧୀନ ହେବାପରେ ଆମ ଜାତୀୟତା, ଶିକ୍ଷା, ସଂସ୍କୃତି ସବୁ ଭୁଲିଯାଇ ପରର ଗୋଲାମ ହେବାକୁ ପସନ୍ଦ କଲେ । ଅତି ନିର୍ଲଜ ଭାବରେ ଅନ୍ୟର ସଭ୍ୟତା ଓ ସଂସ୍କୃତି ଗ୍ରହଣ କରୁଛେ । ବିଜାତୀୟ ଶିକ୍ଷାପାଇଁ ଆମର କ୍ଷୁଦ୍ରତାଭାବ (Inferior complexity) ଏତେ ବେଶୀ ହୋଇଯାଇଛି ଯେ, ଆମେ ମନୁଷ୍ୟତା ହରେଇ ବସିଛେ ଏବଂ ପାଶ୍ଚାତ୍ୟର ଶିକ୍ଷ ଫଳରେ ସତକୁ ଛାଡ଼ି ଅସତ୍ୟ ପଥ ଅବଲମ୍ବନ କରୁଛେ । ଆମ ଦେଶପାଇଁ ମୌଳିକ ଶିକ୍ଷା ବା ଆଶ୍ରମ ଶିକ୍ଷା ଏକମାତ୍ର ଶିକ୍ଷା ବୋଲି ବିବେଚିତ ହେବା ଉଚିତ । ତା ନହେଲେ ଆମର ଭବିଷ୍ୟତ ବଂଶଧରଙ୍କ ପାଇଁ ଆମେ ମହାକାଳଫଳ ସଂଗ୍ରହ କରି ରଖିଯିବା ।

ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀମାନେ ଶିକ୍ଷିତ ସମାଜର ବହୁତ ଦୂରରେ । ଆଜିକାଲି ଶିକ୍ଷା କହିଲେ ମୁଁ ବୁଝେଁ ସ୍ୱାର୍ଥପରତା ଓ ଅସାମାଜିକ ଶିକ୍ଷା । ଆଜିକାଲି ପ୍ରଚଳିତ ଶିକ୍ଷାନୁଷ୍ଠାନ ସବୁ ନାନାପ୍ରକାର ସ୍ୱାର୍ଥପରତା ଓ ଅସାମାଜିକ ଶିକ୍ଷାର କେନ୍ଦ୍ର । ଆଦିବାସୀମାନେ ଓ ଆଦିବାସୀ ଛାତ୍ରଛାତ୍ରୀମାନେ ଚୋରି କରନ୍ତି ନାହିଁ କି ମିଛ କହନ୍ତି ନାହିଁ । ସେମାନେ ସାହସୀ, ପରିଶ୍ରମୀ ଓ

ଧୀରସ୍ଥିର, ମାତ୍ର ପ୍ରଚଳିତ ଶିକ୍ଷାର ଶିକ୍ଷିତ ଲୋକମାନଙ୍କର ସଂସର୍ଗରେ ଆସି ସେମାନେ ଖରାପ ହୋଇଯାଉଛନ୍ତି । ଶିକ୍ଷା ନାମରେ ଆମ୍ଭେମାନେ ସେମାନଙ୍କର ବଂଶ ପରଂପରାକ୍ରମେ ଚାଲି ଆସିଥିବା ଭଲ ଗୁଣଯାକ ନଷ୍ଟ କରି ଦେଇ କୁଶିକ୍ଷା ଦେଉଛେ । ଏହା ନିରାଟ ସତ୍ୟ ଅଟେ । ମାତ୍ର ଆଶ୍ରମ ଶିକ୍ଷା ବରାବର ସେମାନଙ୍କର ପୂର୍ବର ସଦ୍‌ଗୁଣଯାକ ରଖିବାକୁ ଚେଷ୍ଟା କରୁଛି ଏବଂ କେତେକାଂଶରେ ସଫଳ ମଧ୍ୟ ହେଉଛି ।

ଅନ୍ୟ ଦୃଷ୍ଟିରୁ ବିଚାର କଲେ ପ୍ରଚଳିତ ଶିକ୍ଷାରେ ବାସ୍ତବତା ପ୍ରତି ଦୃଷ୍ଟି ରହୁନାହିଁ । ପ୍ରଚଳିତ ଶିକ୍ଷାର ପଣ୍ଡିତମାନେ ବାସ୍ତବତା ପ୍ରତି ଦୃଷ୍ଟି ନଦେଇ ଆକାଶରେ ସୌଧ ନିର୍ମାଣ କରିବାକୁ ଚେଷ୍ଟା କରୁଛନ୍ତି । ଯେଉଁ ପ୍ରଚଳିତ ଶିକ୍ଷା ଏ ଦେଶର ସର୍ବନାଶ କରିଛି ଓ ଯାହାର ଉଦ୍ଦେଶ୍ୟ ଥିଲା ଏ ଦେଶକୁ ଯାବଚ୍ଚନ୍ଦ୍ରାର୍କେ ଚିରପଦାନତ କରି ରଖିବ ଏବଂ ଯାହାର ଉଦ୍ଦେଶ୍ୟ ଥିଲା ଏ ଦେଶରେ ଗୁଡ଼ାଏ ଗୋଲାମ ସୃଷ୍ଟି କରିବା ସେପରି ଏକ ଶିକ୍ଷା ପଦ୍ଧତିକୁ ଜାବୁଡ଼ି ଧରି ବସିବା କେତେ ମାରାତ୍ମକ ତାହା ପଣ୍ଡିତମାନେ ବୁଝିବା ଉଚିତ । କୁଶିକ୍ଷା ପଦ୍ଧତି ଫଳରେ ଆଜିକାଲି ସ୍କୁଲ କଲେଜ ସବୁ ଧର୍ମଘଟର କେନ୍ଦ୍ରସ୍ଥଳୀ ହୋଇଛି । ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଭବିଷ୍ୟତ ଅନ୍ଧକାରମୟ ଦେଖାଯାଉଛି । ପ୍ରଚଳିତ ଶିକ୍ଷାନୁଷ୍ଠାନ ସବୁ ସେମାନଙ୍କୁ ଉପଯୁକ୍ତ ପଥ ଦେଖାଇପାରୁ ନାହାନ୍ତି । ତେଣୁ ଦେଶର ପ୍ରତ୍ୟେକ କ୍ଷେତ୍ରରେ ମହା ବିଭ୍ରାଟ ଦେଖାଯାଉଛି ।

ମୁଁ ଶିକ୍ଷାବିତ୍ ନୁହେଁ । ମାତ୍ର ମୌଳିକ ଶିକ୍ଷାରେ ଏବଂ ଆଶ୍ରମ ଶିକ୍ଷାରେ ପ୍ରାୟ କୋଡ଼ିଏ ବର୍ଷ କାଳ ପ୍ରଧାନ ଗୁରୁଜୀ ରୂପେ କାର୍ଯ୍ୟକରି, ଅଶାନ୍ତିତ ଫଳ ପାଇ ପ୍ରଚଳିତ ଶିକ୍ଷାର ଅସାରତା ନିଜେ ମର୍ମେ ମର୍ମେ ଅନୁଭବ କରି ଏବଂ ଜଣେ ଭୁକ୍ତଭୋଗୀ ଭାବରୂପେ ଯାହା ଅଙ୍ଗେ ନିଭାଉଛି ତାହାଇ କେବଳ କହିଲି ।

ଏହା ବୋଲି ଯେ ଆଶ୍ରମ ସ୍କୁଲମାନଙ୍କରେ ଦୋଷ ତ୍ରୁଟି ରହୁନାହିଁ ମୁଁ ଏହା କହୁନାହିଁ । କାମ କଲାବେଳେ ନାନା ପ୍ରକାର ଭୁଲ ଭ୍ରାନ୍ତି ହେଉଛି । ମାତ୍ର ଆଶ୍ରମ ସ୍କୁଲର ପ୍ରଧାନ ଗୁରୁଜୀମାନେ ଉକ୍ତ ଭୁଲକୁ ଦୁନିଆ ପ୍ରଳୟର କାରଣ ବୋଲି ଧରି ନ ବସି ସେଥିରୁ ଯେଉଁ ଶିକ୍ଷା ମିଳିଲା ତାକୁ ମୂଳଦୁଆ କରି ତା ଉପରେ ପ୍ରକାଣ୍ଡ ସୌଧ ନିର୍ମାଣ କରିବାକୁ ସତତ ଚେଷ୍ଟା କରନ୍ତି । ଗୁରୁଜୀମାନେ ମଧ୍ୟ ସେହି ଭୁଲକୁ ନ ଲୁଚାଇ ପ୍ରକାଶ କରିଦେବାଦ୍ୱାରା ଅନୁଷ୍ଠାନର ପ୍ରକୃତ ମଙ୍ଗଳ ସାଧନ କରନ୍ତି ।

---

ମୁଦ୍ରାକର—ଶ୍ରୀଦିବାକର ମିଶ୍ର, ଗୋସ୍ୱାମୀ ପ୍ରେସ, କଟକ—୧